## ସଂକ୍ଷେପରେ

### ଖପ୍ରାଖୋଲରେ ଯୁଗ୍ମ ଜନଶୁଣାଣି



ଖପ୍ରାଖୋଲ, ୨୨।୧(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଏସ୍‌ପି ରିଷିକେଶ ଖିଲାରୀ ଯୋଗଦେଇଥିଲେ। ରାମ ମନ୍ଦିର ଲୋକାର୍ପଣ ତଥା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଅଧାଦିନ ଛୁଟିଥିବାରୁ ଅପରାହ୍ନରେ ଅନୁଷ୍ଠିତ ଜନ ଶୁଣାଣି କେବଳ ଗୋଟିଏ ଘଣ୍ଟା ପାଇଁ ହୋଇଥିଲା। ଜନ ଶୁଣାଣିରେ ମୋଟ ୧୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୪ଟି ସର୍ବସାଧାରଣ ଅଭିଯୋଗ ଓ ୧୦ଟି ବ୍ୟକ୍ତିଗତ ଅଭିଯୋଗ ବୋଲି ଜଣାଯାଇଛି। ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ଜିପିଇଓ ପରମେଶ୍ୱର ନାଏକ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ବିଏସଏସଓ କାନିସ୍କ ବିଭାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ରାମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଭୀମବୁଢ଼ା ଫୁଟବଲ: ଖଲିଆଖମାରକୁ ଟାଇଟଲ

ମୁରିବାହାଲ, ୨୨।୧(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ଖେଳ ପଡିଆରେ ଚାଲିଥିବା ଜୟ ଭୀମବୁଢ଼ା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଳଦୀକୁ ଟାଇବ୍ରେକର ୪-୩ଗୋଲରେ ହରାଇ ଖଲିଆଖମାର ଚାମ୍ପିୟନ ହୋଇଛି। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବନ୍ଧୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ବିଶିଷ୍ଟ କ୍ରୀଡାବିତ କେଦାର ବଡ଼ଜେନା, ମନୋଜ କୁମାର କର ଉପସ୍ଥିତ ରହି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲ କିପର ତେଜୁରାମ ଭୋଇ, ଶ୍ରେଷ୍ଠ ସ୍କୋରର ତୁଳାରାମ ଭୋଇ, ଶ୍ରେଷ୍ଠ ଖେଳାଳି ଉତ୍ତମ ମାଝିଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ସମାପନରେ ଆୟୋଜକ କମିଟି ସଭାପତି ରୁଷି ପ୍ରଧନୀ, ଉପସଭାପତି ସୁରୁକାନ୍ତ ପ୍ରଧାନୀ, ସମ୍ପାଦକ ଦୟା ପ୍ରଧନୀ, ଖଗପତି ପ୍ରଧାନୀ, କପିଳ ପ୍ରଧାନୀ, ଅଜୟ ପ୍ରଧନୀ, ରୁମା ପ୍ରଧାନୀ, ଦିଲୀପ ପ୍ରଧାନୀ, ମହିଳାସ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

# ଖର୍ଚ୍ଚ ନ ହୋଇ ପଡ଼ିରହିଛି ୩୦କୋଟି

## ଦେଓଗାଁ ବ୍ଲକ

ଦେଓଗାଁ, ୨୨।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ପଞ୍ଚାୟତ ସମିତିକୁ ଅନୁଦାନ ଦେଉଛନ୍ତି। ହେଲେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଅନୁଦାନ ଟଙ୍କା ଖର୍ଚ୍ଚ ହୋଇ ନ ପାରି ବର୍ଷବର୍ଷ ଧରି ପଡି ରହିବା ପରେ ଫେରିଯାଉଛି। ବିଭାଗୀୟ ତଥ୍ୟ ଅନୁସାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ୨କୋଟି ଟଙ୍କା, ବିଜୁ କେବିକେ ଅନୁଦାନ ୨କୋଟି, ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ୨ କୋଟି, ଆମ ଗାଁ ଆମ ବିକାଶ ଅନୁଦାନ ୨କୋଟି ୧୦ଲକ୍ଷ, ନୀତି ଆୟୋଗ ୧କୋଟି, ଏମ୍‌ପି ଅନୁଦାନ ୩୦ଲକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ୧କୋଟି, ଆମ ଓଡିଶା ନବୀନ ଓଡ଼ିଶା ୧୩କୋଟି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ୧କୋଟି ୫୦ଲକ୍ଷ, ବନ ସୁରକ୍ଷା ସମିତି ୧କୋଟି ୧୯ଲକ୍ଷ, ରାଜ୍ୟ ପଞ୍ଚଦଶ ଅର୍ଥ କମିଶନ ୧କୋଟିରୁ ଉର୍ଦ୍ଧ୍ୱ, ପଞ୍ଚଦଶ ଅର୍ଥ କମିଶନ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇ ନ ପାରି ପଡିରହିଛି ।

୨୦୨୦-୨୧ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ଦେଓଗାଁ ବ୍ଲକରେ ବିଭାଗୀୟ ତଥ୍ୟ କହୁଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଆସିଥିବା ଅନୁଦାନରୁ ଏବେ ୩୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପଡି ରହିଛି । ବ୍ଲକରେ ବିକାଶ ଦିଗରେ ପ୍ରଶାସନ ଠୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିମାନେ ଧ୍ୟାନ ଦେଉ ନ ଥିବା ବେଳେ କାହାର କେଉଁ ଅନୁଦାନ ତାକୁ ନେଇ ଶିଳାନ୍ୟାସ ଓ ଫଳକ ଲଗା ରାଜନୀତିରେ ସମସ୍ତେ ବ୍ୟସ୍ତ । ମାସକ ତଳେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବ୍ଲକକୁ ୧୩ କୋଟି ଟଙ୍କା ଆସିଛି । ହେଲେ ସେଥିରୁ କାଁ ଭାଁ କିଛି ପଞ୍ଚାୟତ ସ୍ତରରେ କେତୋଟି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ବାକି ସବୁ ପଡି ରହିଛି । ଏ ହେଉଛି ଦେଓଗାଁ ବ୍ଲକରେ ଫଳକରେ ସୀମିତ ବିକାଶର ।

ସୂଚନାଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ ନାଁରେ ୫କୋଟି ୯୪ଲକ୍ଷ ଆସିଥିବା ବେଳେ ଅଦ୍ୟାବଧି ୨କୋଟି ୧୦ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି । ଗ୍ରାମାଞ୍ଚଳରେ ରହୁଥିବା ସାଧାରଣ ଲୋକ ତଥା ଗାଁର ବିକାଶ ପାଇଁ ଆସୁଥିବା ଅନୁଦାନରେ ପଞ୍ଚାୟତ ସମିତିସ୍ତରରୁ ପ୍ରକଳ୍ପଗୁଡିକର ପ୍ରସ୍ତାବ ଦିଆଯାଉଛି। ଜିଲା ପ୍ରଶାସନର ଅନୁମୋଦନ ପରେ ପ୍ରକଳ୍ପଗୁଡିକ ତୁରନ୍ତ ଆରମ୍ଭ ହେବାକଥା। କାର୍ଯ୍ୟର ଅଗ୍ରଗତି ଉପରେ ପ୍ରତିମାସ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ ଓ ଯନ୍ତ୍ରୀମାନଙ୍କୁ ନେଇ ସମୀକ୍ଷା ବୈଠକ ବସୁଛି । ଯଦି ଜିଲା ପ୍ରଶାସନିକ ଅଧିକାରୀମାନେ ସମୀକ୍ଷା କରୁଛନ୍ତି ତା ହେଲେ ଏ ଅବସ୍ଥା କାହିଁକି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସମ୍ପର୍କରେ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ମୁଁ ଏଠାରେ ମାତ୍ର ଦେଢମାସ ହେଲା ଯୋଗଦେଇଛି। କେଉଁ କାରଣରୁ ଏତେ ଅନୁଦାନ ରାଶି ପଡି ରହିଛି ତାହାର ତର୍ଜମା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ୨୪ ପରିପ୍ରେକ୍ଷୀରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଯୁବ ନେତା ନିହାର ରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ ମାତୃଭାଷା ଓ ମାତୃଭୂମିକୁ ସମସ୍ତେ ସମ୍ମାନ ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନ ଉନ୍ନତି ଓ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ମିଶ୍ର, ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାପକ କାହ୍ନୁ ଚରଣ ଦର୍ଜି ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସଭାରେ ଅଧ୍ୟକ୍ଷ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।

# ଭୈରବୀ କପ୍ କ୍ରିକେଟ:ଧଣ୍ଡାମୁଣ୍ଡା ଚାମ୍ପିୟନ




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଖପ୍ରାଖୋଲ, ୨୨।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲାରେ ଚାଲିଥିବା ଭୈରବୀ କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଧଣ୍ଡାମୁଣ୍ଡା ଓ ଝାଙ୍କରପାଲି ମଧ୍ୟରେ ହୋଇଥିଲା। ଝାଙ୍କରପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ଧଣ୍ଡାମୁଣ୍ଡା ଦଳ ୧୨ଓଭରରେ ୪ ଉଇକେଟ ହରାଇ ୧୧୪ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଭୈରବୀ କ୍ରିକେଟ କ୍ଲବ ସଭାପତି ଜ୍ୟୋତିରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ସମ୍ମାନୀତ ଅତିଥିଭାବେ ବିଧାୟକ ପ୍ରତିନିଧି ରମେଶ ପଧାନ, ଭାନପୁର ସରପଞ୍ଚ ରୀନା ଜାଲ, ବ୍ଲକ ଉପାଧ୍ୟକ୍ଷ ଶୁଖିରାମ ଷାଣ୍ଡ, ଅମ୍ବି ସୁନା, ଡିଲେଶ୍ୱର ଜାଲ, ଶିକ୍ଷାବିତ୍ ଭୂପିନ୍ଦ୍ର ବନଗୁଲା, ଗୋପାଲ ପାତ୍ର, ବ୍ରହ୍ମାନନ୍ଦ ସାହୁ, ଟିକେଲାଲ ପାତ୍ର ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧୦୧୧ ଟଙ୍କା ଏବଂ ରନର ଅପ ଦଳକୁ ଟ୍ରଫି ସହ ୭୦୭୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ଧରୁଆ, ଧର୍ମେନ୍ଦ୍ର ଭୋଇ, ମନିଲାଲ ଛତର, ସତ୍ୟବାନ ଖର୍ସେଲ, ଗୋପାଲ ବାରିକ, ନିରଞ୍ଜନ ଭୋଇ, ରାମଚନ୍ଦ୍ର ବରିହା ପ୍ରମୁଖ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ପ୍ରାଣପ୍ରତିଷ୍ଠା ଉତ୍ସବ

ଟିଟିଲାଗଡ, ୨୨।୧(ଶରତ ମିଶ୍ର)

ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାମଚନ୍ଦ୍ରଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଉପସ୍ଥିତ ରହି ଭାରତୀୟ ସଂସ୍କୃତିରେ ରାମଚନ୍ଦ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ, ପରିଚାଳନା କମିଟି ସଦସ୍ୟା ଅହଲ୍ୟା ନାଗ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ପଙ୍କଜ ବେହେରା ଅତିଥି ପରିଚୟ ପ୍ରଦାନ, ଆଚାର୍ଯ୍ୟ ପ୍ରତିନିଧି ମଦନ ମୋହନ ପୁଟେଲ ମଞ୍ଚ ପରିଚାଳନା କରିଥିଲେ। ଅଯୋଧ୍ୟାର ରାମମନ୍ଦିର ଓ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପ୍ରୋଜେକ୍ଟରେ ଲାଇଭ ଛାତ୍ରୀଛାତ୍ରଙ୍କୁ ଦେଖାଯାଇଥିଲା।

## ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟିଟିଲାଗଡ଼, ୨୨।୧(ଶରତ ମିଶ୍ର)

ଟିଟିଲାଗଡ଼ ଡିଏଭି କଲେଜ ସାମ୍ନାରେ ସୋମବାର ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଟିଟିଲାଗଡ଼ ବ୍ଲକ କେନ୍ଦୁମୁଣ୍ଡି ଗ୍ରାମର କାଶୀ ଚନ୍ଦନ(୪୫)। ସନ୍ଧ୍ୟା ପ୍ରାୟ ୭ଟାରେ ସତୀଘାଟରୁ କାମ ସାରି କାଶୀ ଫେରୁଥିବା ବେଳେ ରାସ୍ତା ଉପରେ ଛିଡା ହୋଇଥିବା ହାଇୱାରେ ତାଙ୍କ ସ୍କୁଟି ପିଟି ହୋଇଯାଇଥିଲେ। ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ଅଣାଯାଇଥିଲା। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାଫିକ ସମସ୍ୟା ଲାଗି ସକାଳ ୯ରୁ ରାତ୍ରୀ ୯ଟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରିଯାନ ଚଳାଚଳକୁ ବରଣ କରାଯାଇଛି। ଏଭଳିସ୍ଥଳେ ଡ଼ିଏଭି ମହାବିଦ୍ୟାଳୟ ନିକଟ ଅଣଓସାରିଆ ରାସ୍ତାରେ ଭାରିଯାନ ପାର୍କିଂକୁ ନେଇ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ଅଭିଯୋଗ କରିଛନ୍ତ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ସମାଜ କଲ୍ୟାଣରେ ସମର୍ପିତ ହୁଅ




ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ବକ୍ତବ୍ୟ ରଖୁଛନ୍ତି।

## ଜୁନିୟର ରେଡକ୍ରସ ତାଲିମ ଶିବିର

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ୩୬ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ତାମିଲ ଶିବିର ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ତ୍ରିଦିସୀୟ ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଉଦ୍‌ଘାଟନ କରିଥିଲେ। ମହତ ଉଦ୍ଦେଶ୍ୟ ନେଇ ଏହି ତାଲିମ ଶିବିର ଆୟୋଜିତ ହେଉଛି। ଏହାର ଉପଯୋଗ କରି ସମାଜ କଲ୍ୟାଣ ଦିଗରେ ସମର୍ପିତ ହେବାକୁ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ରଙ୍କୁ ସାହୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ବିଇଓ ରୀନା କୁମାରୀ ବେହେରା, ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ, ଡିପିଓ ତଥା ଜୁନିୟର ରେଡକ୍ରସ ସମ୍ପାଦକ ପ୍ରଦୀପ କୁମାର ପାତ୍ର, ସଂଯୋଜକ ବିକାଶ ରଞ୍ଜନ ସାହୁ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ । ଜିଲା ଶିକ୍ଷା ଅଧିକାରୀ ବେହେରା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷଭାବେ ଗଢିବା ପାଇଁ ଏପରି ଶିବିର ଆବଶ୍ୟକ ବୋଲି କହିଥିଲେ। ପ୍ରଶିକ୍ଷଣ ସଂକ୍ରାନ୍ତରେ ଖାତାରେ ନୋଟ ନ କରି ହୃଦୟରେ ସ୍ଥାନିତ କରିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ମେହେର ଜୁନିୟର ରେଡକ୍ରସର ଆବିର୍ଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏପରି ଶିବିର ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବହନ କରିଥାଏ ବୋଲି ବିଇଓ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ। ସଂଯୋଜକ ସାହୁ ସ୍ୱାସ୍ଥ୍ୟସେବା ଓ ବିଶ୍ୱ ବନ୍ଧୁତା ସମ୍ପର୍କରେ କହିଥିଲେ । ଡିପିଓ ପାତ୍ର ଏହି ଶିବିରରେ ୪୫୦ଜଣ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର ଓ ୧୬୮ଜଣ କାଉନସିଲର, ପ୍ରଧାନଶିକ୍ଷକ ଯୋଗଦେଇଥିବା ସୂଚନା ଦେଇଥିଲେ। ସଭାକୁ ଚିତ୍ତରଞ୍ଜନ ପଣ୍ଡା ସଞ୍ଚାଳନ କରିଥିଲେ । ଏହି ଶିବିରରେ ଜୁନିୟର ରେଡ୍ରକସ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଆସନ୍ତା ୨୯ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି ।

# କ୍ଷତିଗ୍ରସ୍ତଙ୍କ ଥଇଥାନ ସମ୍ପର୍କରେ ଜଣାଅ: ହାଇକୋର୍ଟ

## ଲାଠୋରରେ ୩୫ ଲୋକଙ୍କ ଘରପୋଡ଼ି ଓ ଦଙ୍ଗା ମାମଲା

କଟକ,୨୨।୧(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଲାଠୋରରେ ୩୫ ଦଳିତ ଲୋକଙ୍କ ଘରପୋଡ଼ି ମାମଲାରେ କ୍ଷତିଗ୍ରସ୍ତ ଲୋକଙ୍କ ଥଇଥାନ ସମ୍ପର୍କରେ ରାଜ୍ୟ ସରକାର କି' ପଦକ୍ଷେପ ନେଇଛନ୍ତି ତାହା ସତ୍ୟପାଠ ଆକାରରେ ଜଣାଇବାକୁ ସୋମବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଥଇଥାନ ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଦୁଇ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ଜାତିଆଣ ଆକ୍ଷେପକୁ ନେଇ ଲାଠୋରରେ ୨୦୧୨ ଜାନୁଆରୀ ୨୨ରେ ଗଣ୍ଡଗୋଳ ହୋଇଥିଲା। ସବର୍ଣ୍ଣ ଲୋକେ ମିଶି ୫୦ରୁ ଉର୍ଦ୍ଧ୍ୱ ଅସବର୍ଣ୍ଣଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଲୋକମାନେ ପ୍ରାଣ ବିକଳରେ ଲାଠୋର ଗାଁ ଛାଡ଼ି ସ୍ଥାନୀୟ ଜଙ୍ଗଲରେ ରହିଆସୁଥିଲେ। ଏହି ଘଟଣାକୁ ନେଇ ଲାଠୋର ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକମାନଙ୍କୁ ସୁରକ୍ଷା ଦେଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ଘରପୋଡ଼ିରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ୍ ପ୍ରଦାନ କରାଯାଇଥିଲା। ଘରପୋଡ଼ି ଘଟଣାରେ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବା ଏବଂ ପୋଲିସ୍ ତଦନ୍ତ ଠିକ୍ ହେଉ ନ ଥିବା ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଘରପୋଡ଼ି ଘଟଣାରେ କେତେ ଲୋକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି, କେତେଜଣଙ୍କୁ କ୍ଷତିପୂରଣ ଦିଆଯାଇଛି ଏବଂ ଅନୁସୂଚିତ ଜାତି ଆଇନ ଆଧାରରେ କେତେ ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ସେନେଇ ସବିଶେଷ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବଲାଙ୍ଗୀର ଜିଲାପାଳ ଘଟଣାର ଅନୁଧ୍ୟାନ କରିଥିଲେ। ଆବେଦନକାରୀ କରୁଣାକର ସୁନା ଏବଂ ଅନ୍ୟମାନଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି।

# 'ଗୁଣାତ୍ମକ ଶିକ୍ଷା ବିନା ଦେଶର ପ୍ରଗତି ଅସମ୍ଭବ'

ବଲାଙ୍ଗୀର, ୨୨।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଖର୍ଲିକାନିସ୍ଥିତ ଶେମର୍ଫୋର୍ଡ ଫ୍ୟୁଚରିଷ୍ଟିକ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ସ୍କୁଲ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ତଥା ଶିଳ୍ପଦ୍ୟୋଗୀ ସମରେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଓଡଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦାନ କରିଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା କିଭଳି ଛାତ୍ରୀଛାତ୍ରଙ୍କ ସହ ଦେଶର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ କହିଥିଲେ। ଗୁଣାତ୍ମକ ଶିକ୍ଷା ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ସହ-ନିର୍ଦ୍ଦେଶକ ଆଶିଷ କୁମାର ରଥ, ଶିକ୍ଷା ନିର୍ଦ୍ଦେଶିକା ନିଲମ ରଥ, ଅଧ୍ୟକ୍ଷ ପ୍ରତାପ କୁମାର ଜେନା ଓ ପ୍ରି-ପ୍ରାଇମେରୀ ବିଭାଗ ପ୍ରଧାନ ଶିକ୍ଷୟିତ୍ରୀ ରିକି ପୁରୋହିତଙ୍କ ସମେତ ଫାଉଣ୍ଡେସନ ଟ୍ରଷ୍ଟି ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଉତ୍ସବରେ ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ସଭାପତି ଓ ଏକାଡେମୀ ନିର୍ଦ୍ଦେଶିକା ମୁଖ୍ୟଅତିଥି ମିଶ୍ର ଏବଂ ମୁଖ୍ୟବକ୍ତା ନାୟକଙ୍କୁ ସ୍ମାରକୀ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ଅଧ୍ୟକ୍ଷ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀ।

# ସବୁଠି ଶୁଭିଲା ଜୟ ଶ୍ରୀରାମ ଧ୍ୱନି

ଦେଓଗାଁ, ୨୨।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବ୍ଲକ ଅନ୍ତର୍ଗତ ଉଡାର ରାମ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ୟାସ ଭାବେ ସୁନୀଲ କର, କର୍ତ୍ତାଭାବେ ଋଷଭ ବାରିକ ଓ ତାଙ୍କ ଧର୍ମପତ୍ନୀ ରାଜେଶ୍ୱରୀ ବାରିକ ଦାୟିତ୍ୱ ତୁଲାଇଥିଲେ । ସେହିପରି କୁଲିଆବାହାଲ ଓ ସିଲେଟକାନୀ ରାମ ମନ୍ଦିରରେ ପୂଜାର୍ଚ୍ଚନା ସହ ଉତ୍ସବ ପାଳନ କରାଯାଇଥିଲା। ଗାଁର ଜଗନ୍ନାଥ ଓ ହନୁମାନ ମନ୍ଦିରମାନଙ୍କରେ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ପୂଜାର୍ଚ୍ଚନା କରିଥିଲେ। ଘର ଅଗଣାରେ ମୁରୁଜ ପକାଇ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ସେହିପରି ବନ୍ଧପଡା, ଗାଇବାହାଲ, କରୁଆଁଝର, ବୁଢାବାହାଲ, ବଡବାହାଲ, ସିକୁଆଁ, ଗୌରଗୋଠ ଗାଁମାନଙ୍କରେ ପାରାୟଣ ଓ ପ୍ରହରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହନୁମାନ ଚାଳିଶା ପାଠ

ଗୁଡଭେଲା(ମନୋଜ କୁମାର ଜୈନ): ଗୁଡଭେଲା ବ୍ଲକ ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସୁନ୍ଦରକାଣ୍ଡ ଓ ରାମପରାୟଣ କରାଯାଇଥିଲା। ତୁଷୁରା ଗାୟତ୍ରୀ ମନ୍ଦିର ପରିସରରେ ଯଜ୍ଞ, ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ରାମ ମନ୍ଦିରରେ ଭଜନ ଓ ହନୁମାନ ଚାଳିଶା ପଠନ ଚାଲିଥିଲା। ଏକ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଶିଶୁ ମାନଙ୍କୁ ସୁସଜ୍ଜିତ କରି ସହର ପ୍ରରିକ୍ରମା କରିଥିଲେ । ନୂଆଁପଡା ଗ୍ରାମ ରାମ ମନ୍ଦିରରେ ପୂଜା ଅର୍ଚ୍ଚନା ହେବା ସହ ରାମକଥା ପ୍ରବଚନ ଚାଲିଛି।



କଣ୍ଟାବାଞ୍ଜି ଆଶ୍ରମ ପଡ଼ା ଜଗନ୍ନାଥ ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଉଛି।

## କଣ୍ଟାବାଞ୍ଜିରେ ୫୧ହଜାର ପ୍ରଦୀପ ପ୍ରଜ୍ଜ୍ୱଳନ

କଣ୍ଟାବାଞ୍ଜି(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳବାଇ ଷ୍ଟାଡିୟମରେ ସୋମବାର ସନ୍ଧ୍ୟାରେ ୫୧ ହଜାର ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ଅଯୋଧରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଅବସରରେ ଏହି ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସ୍ଥାନୀୟ ଆଜାଦ କ୍ଲବ ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିପୂର୍ବରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ରେଳବାଇ ଷ୍ଟାଡିୟମରେ ପହଞ୍ଚି ଥିଲେ ।

ଏହି ଅବସରରେ ସହରର ରାଧାକୃଷ୍ଣ ମନ୍ଦିର, ରୋଡ ନମ୍ବର ୨ ଶ୍ରୀରାମ ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୁଣା ବସ୍ତି , ଆଶ୍ରମ ପଡ଼ା ଜଗନ୍ନାଥ ମନ୍ଦିର, ଥାନା ହନୁମାନ ମନ୍ଦିର, ବାଲାଜୀ ମନ୍ଦିର, ଦ୍ୱାରସେନୀ ମନ୍ଦିର ରାମେଶ୍ୱର ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମପଡ଼ା ରାମେଶ୍ୱର ମନ୍ଦିର ପରିସରରେ ସୁନ୍ଦରାକାଣ୍ଡ ପରିବେଷଣ କାଯାଉଥିଲା ।



ଖପ୍ରାଖୋଲରେ ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇଛନ୍ତି।

## କେଉଁଠି ନାମ ସଙ୍କୀର୍ତ୍ତନ କେଉଁଠି ଶୋଭାଯାତ୍ରା

ଖପ୍ରାଖୋଲ(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଅଞ୍ଚଳ ଅଯୋଧ୍ୟା ରାମ ମନ୍ଦିର ଲୋକାର୍ପଣ ତଥା ରାମ ଲାଲା ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଉତ୍ସବ ମୁଖର ହୋଇଉଠିଛି। ଗାଁ ଗାଁରେ ପୂଜା ପାଠ, ନାମ ସଙ୍କୀର୍ତ୍ତନ, ଶୋଭାଯାତ୍ରା, କଳସ ସ୍ଥାପନ, ଦୀପ ଦାନ ଆଦି ଦେଖିବାକୁ ମିଳିଛି। ଏହି ଅବସରରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି। ଶ୍ରୀରାମ ପତାକାରେ ଗାଁ ଗାଁ ଗୈରିକ ହୋଇଯାଇଛି। ଏହି ଅବସରରେ ବଜରଙ୍ଗ ଦଳ ତରଫରୁ ଯୁବକ ମାନେ ଖପ୍ରାଖୋଲରେ ଶୋଭାଯାତ୍ରା କରିଥିବାବେଳେ ଧଣ୍ଡାମୁଣ୍ଡାରେ ମୋଟର ସାଇକେଲ ଶୋଭାଯାତ୍ରା, ଭାଲୁଡୁଙ୍ଗୁରିରେ ପୁରାଣ ପଠନ, ବୁଢିବାହାଲରେ ମାଗଣା ଅନ୍ନ ପ୍ରସାଦ ବଣ୍ଟନ, କୁନି ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇଥିଲେ।

## ଆଜିର କାର୍ଯ୍ୟକ୍ରମ

୨୩।୧।୨୦୨୪ (ମଙ୍ଗଳବାର)

**ମଥୁରାନଗରୀ**

- ମଥୁରା ଆମ୍ରବନ (ଗୋବିନ୍ଦପାଲି ହନୁମାନ ମନ୍ଦିର) ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଭକ୍ତିରେ ନିମଗ୍ନ ମୁନିଋଷିଙ୍କ ଉପରେ କଂସଙ୍କ ଅତ୍ୟାଚାର, ରୁଦ୍ରଶୂଳ ପ୍ରାପ୍ତି, ଶିବ ତାଣ୍ଡବ, କୃଷ୍ଣ ବଳରାମଙ୍କ ମଥୁରାରେ ପ୍ରବେଶ, ଖଜୁରଟିକ୍ରା ଆଦିମାତା ମନ୍ଦିରରେ ବିଶ୍ରାମ ।

**ଗୋପପୁର**

- କୃଷ୍ଣ-ବଳରାମଙ୍କ ବିଦାୟ ଉତ୍ସବ, ଗୋପୀମାନଙ୍କ ବିଳାପ, କୃଷ୍ଣ ବଳରାମଙ୍କୁ ଧରି ଅକ୍ରୂରଙ୍କ ମଥୁରା ଅଭିମୁଖେ ଯାତ୍ରା ।





ବରଗଡ଼ ଧନୁଯାତ୍ରାର ସୋମବାର ଅଷ୍ଟମ ଦିବସରେ ମଥୁରା ଭ୍ରମଣ ବାଟରେ ୟୁକୋ ବ୍ୟାଙ୍କରେ କଂସ ମହାରାଜା (ବାମ) । ଯମୁନାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ମହାମନ୍ତ୍ରୀ ଅକ୍ରୂର ଭାବବିହ୍ୱଳ (ମଝି) । ଅନ୍ଧ ବ୍ରାହ୍ମଣଙ୍କ ସହିତ ସାକ୍ଷାତ ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଜବତ

ଝାରବନ୍ଧ,୨୨।୧(ଦେବେନ୍ଦ୍ର ସାହୁ): ଝାରବନ୍ଧ ଥାନା ଅଧୀନ ଭୈଷାଦର୍ହା ଓ ଛତିଶଗଡ ବସନା ଥାନା କୁଦାରୀବହାର ମଝିରେ ଥିବା ଚିରାଲ ନଦୀରେ ପଡିଥିବା ଏକ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୩୫ବର୍ଷ ହେବ। ମୃତ୍ୟୁର କାରଣ ଜଣାପଡି ନ ଥିବାରୁ ସମ୍ବଲପୁରରୁ ବିଶେଷଜ୍ଞ ଦଳ ଆସି ନମୂନା ସଂଗ୍ରହ କରିଛନ୍ତି। ଝାରବନ୍ଧ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟିଁଲିଆଗଡ଼, ୨୨।୧(ଶରତ ମିଶ୍ର): ଟିଁଲିଆଗଡ଼ ଡିଏଭି କଲେଜ ସାମ୍ନାରେ ସୋମବାର ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଟିଁଲିଆଗଡ଼ ବ୍ଲକ କେନ୍ଦୁମୁଣ୍ଡି ଗ୍ରାମର କାଶୀ ଚନ୍ଦନ(୪୫)। ସନ୍ଧ୍ୟା ପ୍ରାୟ ୭ଟାରେ ସତୀଘାଟରୁ କାମ ସାରି କାଶୀ ଫେରୁଥିବା ବେଳେ ରାସ୍ତା ଉପରେ ଛିଡା ହୋଇଥିବା ହାଇୱାରେ ତାଙ୍କ ସ୍କୁଟି ପିଟି ହୋଇଯାଇଥିଲା। ତାଙ୍କୁ ଟିଁଲିଆଗଡ଼ ଡାକ୍ତରଖାନା ଅଣାଯାଇଥିଲା। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାଫିକ୍ ସମସ୍ୟା ଲାଗି ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରିଯାନ ଚଳାଚଳକୁ ବାରଣ କରାଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ଦାବି କରିଛନ୍ତି।

# ବେନିଭାଇଙ୍କୁ ଭେଟିଲେ ମହାମନ୍ତ୍ରୀ ଅକ୍ରୂର

ମଥୁରାନଗରୀ/ଗୋପପୁର,୨୨।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ସୋମବାର ଅଷ୍ଟମ ଦିବସରେ ହୋଇଥିବା ଦୃଶ୍ୟାଭିନୟ ଦେଖିବା ପାଇଁ ଉଭୟ ମଥୁରାନଗରୀ ଏବଂ ଗୋପପୁରରେ ଦର୍ଶକଙ୍କ ସମାଗମ ହୋଇଥିଲା। କଂସ ମହାରାଜ ଅନ୍ୟଦିନ ଭଳି ରାଜମହଲରୁ ବାହାରି ମଥୁରାନଗରୀ ପରିଭ୍ରମଣ କରିଥିଲେ। ପରିଭ୍ରମଣ ବାଟରେ ସେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ପହଞ୍ଚିଥିଲେ ଏବଂ ମଥୁରାବାସୀଙ୍କୁ ଉତ୍ତମ ବ୍ୟାଙ୍କସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ ସୋମବାରଠାରୁ ରଙ୍ଗମହଲ ପାଲଟିଥିବା ହାଟପଦା ଦରବାରକୁ ଆସିଥିଲେ ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ନୃତ୍ୟରେ ବିଭୋର ହୋଇପଡିଥିଲେ। ସେଠାରେ ଦୃଶ୍ୟାଭିନୟ ସାରି କଂସ ରାଜଦରବାର ରୂପ ନେଇଥିବା ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆ ମଞ୍ଚକୁ ଆସିଥିଲେ। ଗୋପପୁରକୁ ପ୍ରେରିତ ଜଣେ ପରେ ଜଣେ ରାକ୍ଷସୀ, ରାକ୍ଷସଙ୍କ ନିଧନ ଖବରରେ ମର୍ମାହତ ମଥୁରାଧିପତି କଂସ ମହାରାଜ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା ପାଇଁ ନିଜ ସୈନ୍ୟ ସାମନ୍ତଙ୍କ ସହିତ ଯୁଦ୍ଧାଭ୍ୟାସ କରିଥିଲେ। ଅପରପକ୍ଷେ ଗୋପାଳ ବାଳକଙ୍କ ଗହଣରେ ଶ୍ରୀକୃଷ୍ଣ ଓ ବଳରାମ ଗୋପପୁର ପରିକ୍ରମା କରି ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନ୍ଧ ବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଯାଇଥିଲେ ଏବଂ ଭେଟିବା ପରେ ଦୃଷ୍ଟି ଫେରି ପାଇଥିଲେ। ସେହିପରି କଂସ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ମହାମନ୍ତ୍ରୀ ଅକ୍ରୂର ଗୋପପୁରକୁ ଯାଇଥିଲେ। ବାଟରେ ଯମୁନା (ଜିରା ନଦୀ)ରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଗୋପପୁର ପହଞ୍ଚିବା ପରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କ ସହିତ ଅକ୍ରୂରଙ୍କ ସାକ୍ଷାତ ହୋଇଥିଲା । ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ହୋଇଥିଲା।



ଶ୍ରୀକୃଷ୍ଣ, ବଳରାମଙ୍କ ସହିତ ମହାମନ୍ତ୍ରୀ ଅକ୍ରୂରଙ୍କ ସାକ୍ଷାତ ।

## ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

### ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାରେ କଂସଙ୍କ ପରିଭ୍ରମଣ ଫିକା

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ୧୧ଦିନ ବ୍ୟାପୀ ବରଗଡ଼ ସହର ମଥୁରାନଗରୀ ପାଲଟିଥାଏ। ଏହି ସମୟରେ କଂସଙ୍କ ମଥୁରା ଭ୍ରମଣ ମହୋତ୍ସବର ପ୍ରମୁଖ ଦୃଶ୍ୟାଭିନୟ ହୁଏ। ମହାରାଜ କଂସ ହାତୀପିଠିରେ ଭ୍ରମଣରେ ଆସୁଥିବାବେଳେ ତାଙ୍କ ପଛକୁ ଘୋଡ଼ା, ଓଟରେ ପାତ୍ରମନ୍ତ୍ରୀମାନେ ଆସୁଥାନ୍ତି। ସମ୍ମୁଖରେ ଦୁଲଦୁଲି, ବ୍ୟାଣ୍ଡବାଜା ମଧ୍ୟ ବାଜୁଥାଏ । ଭ୍ରମଣ ବାଟରେ କଂସଙ୍କ ଅଟ୍ଟହାସ୍ୟ, ଦଣ୍ଡବିଧାନ ମଧ୍ୟ ବେଶ୍ ରୋଚକ ହୋଇଥାଏ। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ମଥୁରାବାସୀ ମଥୁରା ରାସ୍ତାକଡ଼ରେ କଂସ ମହାରାଜଙ୍କୁ ଅନାଇ ବସିଥାନ୍ତି। ହେଲେ ସୋମବାର ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ନେଇ ମଥୁରାନଗରୀ (ବରଗଡ଼ ସହର)ରେ ତୁହାକୁ ତୁହା ଶୋଭାଯାତ୍ରା ବାହାରିଥିଲା। ଜୟ ଶ୍ରୀରାମ ଧ୍ୱନିରେ ଗଳିକନ୍ଦି କମ୍ପି ଉଠିଥିଲା। ଏପରିକି ମିନାବଜାର ସହିତ ବିଭିନ୍ନ ଛକସ୍ଥାନ ମଧ୍ୟ ସେଥିରୁ ବାଦ୍ ପଡ଼ି ନ ଥିଲା। ସେଭଳି ଧ୍ୱନି ଶୁଣି ମଥୁରାବାସୀ ସେତେବେଳେ କିଛି ସମୟ ପାଇଁ କଂସଙ୍କ ଭ୍ରମଣ ନା ଶ୍ରୀରାମଙ୍କ ଆଗମନ ହେଉଛି, ତାକୁ ନେଇ ଦୋଛକିରେ ରହିଥିଲେ।

### ଯାତ୍ରା ସରୁଛି, ଭିଡ଼ ଜମୁଛି

ବରଗଡ଼ ଧନୁଯାତ୍ରା ଯେଭଳି ସରି ଆସୁଛି, ସେଭଳି ମହୋତ୍ସବରେ ଦର୍ଶକଙ୍କ ଭିଡ଼ ମଧ୍ୟ ପରିଲକ୍ଷିତ ହେଉଛି। ରବିବାର ପୂର୍ବାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ପଲ୍ଲିଶ୍ରୀ ମେଳା ବର୍ଷାରେ ଧୋଇଯାଇଥିବାବେଳେ ମିନାବଜାରରେ ବେପାରୀଙ୍କୁ ହଟହଟା ହେବାକୁ ପଡ଼ିଥିଲା। ସେଭଳିସ୍ଥଳେ ରବିବାର ଦର୍ଶକଙ୍କ ଗହଳି ହେବ ନାହିଁ ବୋଲି ଲୋକେ କୁହାକୁହି ହେଉଥିଲେ। ହେଲେ ଅପରାହ୍ନରୁ ଯାତ୍ରା ଦେଖିବା ପାଇଁ ଦର୍ଶକଙ୍କ ଏଭଳି ଭିଡ଼ ପରିଲକ୍ଷିତ ହୋଇଥିଲା, ତାକୁ ସମ୍ଭାଳିବା ମଧ୍ୟ ଉପସ୍ଥିତ ପୋଲିସ କର୍ମଚାରୀଙ୍କ ପାଇଁ କାଠିକର ପାଠ ହୋଇ ପଡ଼ିଥିଲା। ତେବେ ମହୋତ୍ସବରେ ସେଭଳି ଦର୍ଶକଙ୍କ ସମାଗମ ହେଉଥିବାରୁ ଆଇସକ୍ରିମ, ଗୁପ୍‌ଚୁପ୍, ଚାଟ୍‌ଠାରୁ ଆରମ୍ଭ କରି ମଥୁରା କେକ୍ ପର୍ଯ୍ୟନ୍ତ ଷ୍ଟଲ କେବଳ ମିନାବଜାର ନୁହେଁ, ମଥୁରାନଗରୀର ରାଜଦରବାର, ରଙ୍ଗମହଲଠାରୁ ଆରମ୍ଭ କରି ମୁଖ୍ୟରାସ୍ତାର ଗଳିକନ୍ଦିରେ ଧାଡ଼ିକୁ ଧାଡ଼ି ଲାଗିଥାଏ । ଏଥର ମଧ୍ୟ ସମାନ ସ୍ଥିତି । ସେଭଳି ଫାଷ୍ଟଫୁଡ୍ ଷ୍ଟଲ ଲାଗିଛି । ଅନେକ ଷ୍ଟଲରେ ବାସିଖାଦ୍ୟ ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ହେଲେ ଅନ୍ୟବର୍ଷ ଭଳି ସେଭଳି ବାସିଖାଦ୍ୟ ଯାଞ୍ଚ କରା ନ ଯିବାରୁ ସେଥିରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ମଥୁରାବାସୀଙ୍କ ମଧ୍ୟରେ ନାନା ସନ୍ଦେହ ଉପୁଜିଛି।

### ହେଲାନି ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ

ଗୋପପୁର ଯାତ୍ରା ବିନା ଧନୁଯାତ୍ରା ମହୋତ୍ସବ ଅସମ୍ଭବ। ଏହି ମହୋତ୍ସବ ଚାଲିଥିବାବେଳେ କଂସଙ୍କ ଅତ୍ୟାଚାର, ଆସୁରିକ ପ୍ରବୃତ୍ତିରେ ମଥୁରାନଗରୀ ଥରହର ହୋଇ ଉଠୁଥିବାବେଳେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳାରେ ଗୋପପୁରରେ ଆଧ୍ୟାତ୍ମିକ, ଧାର୍ମିକ ପରିବେଶ ଜାଗି ଉଠିଥାଏ। ଏହି କ୍ରମରେ ଅନ୍ୟବର୍ଷ ଭଳି ଏଥର ମଧ ସୋମବାର ଗୋପପୁରରେ ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ ଦୃଶ୍ୟାଭିନୟ ଅଭିନୀତ ହେବା କାର୍ଯ୍ୟକ୍ରମ ରହିଥିଲା। ଧନୁଯାତ୍ରା ମହୋତ୍ସବ ସମିତି ଜାରି କରିଥିବା ପ୍ରଚାରପତ୍ରରେ ଏହା ଉଲ୍ଲେଖ ମଧ୍ୟ ରହିଛି। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଦୀର୍ଘ ସମୟ ଧରି ବହୁ ଦର୍ଶକ ଚାହିଁ ରହିଥିବାବେଳେ ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ ଦୃଶ୍ୟାଭିନୟ ଆଦୌ ଅଭିନୀତ ହୋଇ ନ ଥିଲା। ଏହି ଦୃଶ୍ୟାଭିନୟରେ ଗୋପ ମଣ୍ଡପ ପାଖରେ ଅସ୍ଥାୟୀ ପର୍ବତ ସଦୃଶ ଗିରି(ପର୍ବତ)କୁ ଲୀଳାମୟ ଶ୍ରୀକୃଷ୍ଣ ହାତରେ ଟେକିଥାନ୍ତି। ଏହାପରେ ଉପସ୍ଥିତ ଦର୍ଶକଙ୍କୁ ଛପନ ଭୋଗ ବଣ୍ଟନ କରାଯାଏ। ସେହି ଭୋଗ ଖାଇ ଦର୍ଶକ ନିଜକୁ ଧନ୍ୟ ମଣିଥାନ୍ତି। ହେଲେ ଧନୁଯାତ୍ରା ମହୋତ୍ସବ ସମିତି ଜାରି କରିଥିବା ସୂଚୀପତ୍ରରେ ଏହି ଦୃଶ୍ୟାଭିନୟ ଉଲ୍ଲେଖ ଥିବା ସତ୍ତ୍ୱେ ସେଥିରୁ ଦର୍ଶକଙ୍କୁ ବଞ୍ଚିତ କରିବା ମହୋତ୍ସବ ସମିତି ତଥା ଆୟୋଜକଙ୍କ ପାରିବା ପଣିଆକୁ ପଦାରେ ପକାଇ ଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ/ଗୋପପୁର

# ନୃସିଂହନାଥରେ ପ୍ଲାଷ୍ଟିକମୁକ୍ତ ସଚେତନତା ଅଭିଯାନ

ପାଇକମାଲ,୨୨।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକର ନୃସିଂହନାଥରେ ସୋମବାର ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମୁଖ୍ୟ ଅତିଥି, ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟ ବକ୍ତା, ପ୍ରକୃତି ବନ୍ଧୁ ବଡ଼ ଶତପଥୀ, ଭୁବନେଶ୍ୱର ପ୍ରଧାନ, ଶୋଭାଚନ୍ଦ୍ର ପ୍ରଧାନ, ନୀଳକଣ୍ଠ ସା, ନନ୍ଦଲାଲ ନାଏକ, ଆଶୀର୍ବାଦ ମହାପାତ୍ର, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଓ ଏହାର ପରିବେଶ ଉପରେ କୁପ୍ରଭାବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗନ୍ଧମାର୍ଦ୍ଦନ ବନୌଷଧି ସମ୍ପାଦକ ପ୍ରକୃତି ବନ୍ଧୁ ବିଭୂତି ଭୂଷଣ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏକ ଶୋଭାଯାତ୍ରା ବାହାରି ମନ୍ଦିର ପରିସର, ବସଷ୍ଟାଣ୍ଡ ପିକନିକ ସ୍ଥଳରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିବା ସହ ବଣଭୋଜି ପାଇଁ ଆସିଥିବା ଶତାଧିକ ଗୋଷ୍ଠୀଙ୍କୁ ପ୍ଲାଷ୍ଟିକମୁକ୍ତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ହାଇସ୍କୁଲସ୍ତରୀୟ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ନୃସିଂହନାଥ ବନାଞ୍ଚଳ ଅଧିକାରୀ ରାଜେନ୍ଦ୍ର କୁମାର ଭୋଇ, ପାଇକମାଳ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ର, ଫରେଷ୍ଟ ସ୍କ୍ୱାଡ୍ ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।



ମନ୍ଦିର ପରିସରରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି।

# ରାମମନ୍ଦିର ପ୍ରତିଷ୍ଠା, ବରପାଲିରେ ଉତ୍ସବ

ବରପାଲି,୨୨।୧(ଚିତ୍ତରଞ୍ଜନ ସାହୁ)

ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ବରପାଲି ସହର ସାରା ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ସହର ମୁଖ୍ୟ ରାସ୍ତା ଗଳିକନ୍ଦିରେ ଗେରୁଆ ପତାକା ସହ ପ୍ରତେକଙ୍କ ଘର ଉପରେ ହନୁମାନ ପତାକା ଉଡିଥିଲା। ସହରର ପ୍ରାୟ ୧୫ରୁ ୨୦ ସ୍ଥାନରେ ଅନ୍ନ ଭୋଗ, କ୍ଷୀରି, ଖେଚୁଡ଼ି ବଣ୍ଟନ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶ୍ରଦ୍ଧାଳୁମାନେ ଘର ସମ୍ମୁଖରେ ଦୀପ ଜାଳିବା ସହ ପୂର୍ଣ୍ଣକୁମ୍ଭ ରଖିଥିଲେ। ବରପାଲି ଶ୍ରୀ ରାମମନ୍ଦିରକୁ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଦୀପ ଜଳାଇଥିଲେ। ସେହିପରି ଶିରିଡି ସାଇ ମନ୍ଦିରରେ ମଧ ହୋମ କରାଯାଇଥିଲା। ସହର ସାରା ରାମମୟ ହୋଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ଭୀମବୁଢ଼ା ଫୁଟବଲ: ଖଲିଆଖମାରକୁ ଟାଇଟଲ

**ମୁରିବାହାଲ, ୨୨।୧(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ଖେଳ ପଡିଆରେ ଚାଲିଥିବା ଜୟ ଭୀମବୁଢ଼ା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଳଦୀକୁ ଟାଇବ୍ରେକର ୪-୩ଗୋଲରେ ହରାଇ ଖଲିଆଖମାର ଚାମ୍ପିୟନ ହୋଇଛି। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବନ୍ଧୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧନୀ, ବିଶିଷ୍ଟ କ୍ରୀଡାବିତ କେଦାର ବଡ଼ଜେନା, ମନୋଜ କୁମାର କର ଉପସ୍ଥିତ ରହି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲ କିପର ତେଜୁରାମ ଭୋଇ, ଶ୍ରେଷ୍ଠ ସ୍କୋରର ତୁଲାରାମ ଭୋଇ, ଶ୍ରେଷ୍ଠ ଖେଳାଳି ଉତ୍ତମ ମାଝିଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

## ଫୁଟବଲ: ଧୁମାଭଟ୍ଟା ଚାମ୍ପିୟନ

ପାଇକମାଲ,୨୨।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦାରେ ୨୪ତମ ମା' ବ୍ରାହ୍ମଣୀ ପଠାରି ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କୁଦୋଗୁଡାକୁ ହରାଇ ଧୁମାଭଟ୍ଟା ଚାମ୍ପିୟନ ହୋଇଛି। ମହେନ୍ଦ୍ର ସିଂହ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳ ଆରମ୍ଭ କରିଥିଲେ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ଧୁମାଭଟା ଦଳ ୩-୦ ଗୋଲ ବ୍ୟବଧାନରେ ପଲସଦାକୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ମ୍ୟାଚ୍ ଧୁମାଭଟା ଓ କୁଦୋଗୁଡା ମଧ୍ୟରେ ହୋଇଥିଲା। ମ୍ୟାଚ୍ ଅମିମାଂସିତ ରହିବାରୁ ଧୁମାଭଟା ଦଳ ଟାଇପ ରେକଡରେ କୁଦୋଗୁଡା ଦଳକୁ ୪-୩ ଗୋଲ୍‌ରେ ହରାଇ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ସିଂହ ବରିହା ଓ ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର କୁମାର ସାହୁ, ପୀତାମ୍ବର ସାହୁ ଓ ଜୟସିଂହ ବରିହା ଯୋଗ ଦେଇଥିଲେ। ବିଜୟୀ ଧୁମାଭଟ୍ଟା ଦଳକୁ ୧୦ ହଜାର ଟଙ୍କା ଓ ଉପ ବିଜେତା କୋଦଗୁଡା ଦଳକୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଧୁମାଭଟା ଦଳର ନରେଶ ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଖେଳ ଶିକ୍ଷକ ମଣ୍ଟୁ ବାଗ, ସନ୍ତୋଷ ପଟେଲ, ନରେଶ ବାରିକ, ସୁବାଷ ଚନ୍ଦ୍ର ପଟେଲ, ଶଙ୍କର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସମାରୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ପାଇକମାଳକୁ ହରାଇ କଂସାପଲା ଚାମ୍ପିୟନ

**ନୃସିଂହନାଥ କପ୍ କ୍ରିକେଟ ଟୁର୍ନାମେଣ୍ଟ**

ପାଇକମାଲ, ୨୨।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡିଆରେ ନବମ ବର୍ଷ ନୃସିଂହନାଥ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପାଇକମାଳକୁ ହରାଇ କଂସାପଲା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ସରୋଜ ସାମଲ, ସୁଶାନ୍ତ ନାଗ, ରୋଶନ ପାଣିଗ୍ରାହୀ, କୈଳାସ ଦିଶ୍ରି, ବିକି ସିଂ, ସୁରଥ କୁମାର ସାହୁ ଯୋଗ ଦେଇଥିଲେ। ୫ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପାଇକମାଳ ଓ ବଲାଙ୍ଗୀରର କନ୍ସାପଲା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କନ୍ସାପଲା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆଲୋକ ମିଶ୍ର, ଅଟଳ ସରାଫ ଓ ରବିନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବା ବେଳେ ରାମୁ ସ୍ୱାଇଁ ଓ ଅମନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବାବୁଲୁ ସାହୁ, ପପୁ ବେହେରା, ମାନସ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପାଇକମାଳ ଦଳର ଦିଲୀପ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ରନର୍ସ ଦଳ ପାଇକମାଳକୁ ଟ୍ରଫି ସହ ନଗଦ ୮ହଜାର ଓ ବିଜୟୀ ଦଳ କଂସାପଲାକୁ ଟ୍ରଫି ସହ ୧୫ହଜାର ପ୍ରଦାନ କରାଯାଇଥିଲା। ଶିଶିର ସାହୁ, ଦୀପକ ମିଶ୍ର, ଆଦିତ୍ୟ ସାହୁ, ଜଗନ ସ୍ୱାଇଁ, ରବିନ ପ୍ରଧାନ, ଚନ୍ଦନ ପ୍ରଧାନ, ବିମଳ ସାହୁ, ତୋଫାନ ବାଗ ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ଉପସ୍ଥିତ ଖେଳାଳି।

# ଇଟିପି ସ୍ଥାପନରେ ଜମି ଅଡୁଆ

## ପ୍ରଦୂଷଣ ମୁକ୍ତ ନଦୀ ଅଭିଯାନରେ ସାଜିଛି ପ୍ରତିବନ୍ଧକ

ରାଉରକେଲା,୨୨।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ, ଶଙ୍ଖ ଏବଂ କୋଏଲ ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ନଦୀ ପ୍ରଦୂଷଣ ରୋକିବା ସକାଶେ ଇଫ୍ଲୁଲେଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅର୍ଥାତ୍ ଅପଶିଷ୍ଟ ଜଳ ଉପଚାର କେନ୍ଦ୍ର (ଇଟିପି) ସ୍ଥାପନ ପାଇଁ ଆବଶ୍ୟକ ଜମି ଚିହ୍ନଟରେ ବିଳମ୍ବ ହେଉଛି। ଫଳରେ ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ପ୍ଲାଣ୍ଟ ସ୍ଥାପନ ହୋଇପାରୁନାହିଁ।

ସୂଚନା ଅନୁସାରେ, ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଆବଶ୍ୟକ ଜମି ଅଭାବରୁ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ପ୍ରାୟ ୬ ମାସ ତଳେ ରାଜ୍ୟ ପ୍ରଦୂଷଣ ବିଭାଗ ମୁଖ୍ୟାଳୟରୁ ବରିଷ୍ଠ ଅଧିକାରୀ ଦଳ ରାଉରକେଲା ପରିଦର୍ଶନରେ ଆସିଥିଲେ। ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀ କିଭଳି ପ୍ରଦୂଷଣମୁକ୍ତ ହେବ ସେ ନେଇ ନୂଆ ଟେକ୍ନୋଲୋଜି ଜରିଆରେ ଇଟିପି ପଏଣ୍ଟଗୁଡ଼ିକୁ ଅପଡେଟ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ବ୍ରାହ୍ମଣୀରେ ମନିଟରିଂ ଷ୍ଟେଶନ ଲଗାଗଲା। ମନିଟରିଂ ଷ୍ଟେଶନ ମାଧ୍ୟମରେ ୨୪ ଘଣ୍ଟା ବ୍ରାହ୍ମଣୀ ନଦୀର ଜଳ ଗୁଣବତ୍ତା ଆକଳନ କରାଗଲା। ଏହାଦ୍ୱାରା ନଦୀଜଳ ପ୍ରଦୂଷଣ କମାଇବାକୁ ପ୍ରୟାସ କରାଗଲା। ଏହା ଭିତରେ ବିଭାଗ ପକ୍ଷରୁ ଆରଏସ୍‌ପି ଟାଉନଶିପ୍ ଓ କୋଏଲ ନଗରରେ ଏକ ବୃହତ୍ ୱାଟର ଟ୍ରିଟ୍‌ମେଣ୍ଟ କେନ୍ଦ୍ର ସ୍ଥାପନ ପାଇଁ ଅର୍ଥରାଶି ମଞ୍ଜୁର ହେଲା। ଏହାସତ୍ତ୍ୱେ ବର୍ଷେ ପରେ ମଧ୍ୟ ଜମି ଚିହ୍ନଟ ହୋଇ ନ ପାରିବାରୁ ପ୍ରକଳ୍ପ ଅଟକି ରହିଛି। ୨୦୨୩ ଡିସେମ୍ବର ସୁଦ୍ଧା ଏହା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଜମି ଚିହ୍ନଟ ପ୍ରତିବନ୍ଧକ ସାଜିଛି।

ଏ ନେଇ ରାଉରକେଲା ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଜମି ଚିହ୍ନଟୀକରଣ ମହାନଗର ନିଗମ ଅଧୀନ। ଯୋଜନା କାର୍ଯ୍ୟକାରୀ ସକାଶେ ଜମି ପାଇଁ ପ୍ରଦୂଷଣ ବିଭାଗ ପକ୍ଷରୁ ମହାନଗର ନିଗମକୁ ଅବଗତ କରାଯାଇଛି। ସହରରେ ୪୦ଏମଏଲଡି ବିଶିଷ୍ଟ ନଦୀଜଳ ବିଶୋଧନାଗାର ପାନପୋଷଠାରେ କାର୍ଯ୍ୟକାରୀ ହୋଇ ଜଳ ବିଶୋଧନ କରାଯାଉଛି। ରାଜ୍ୟରେ ଏକମାତ୍ର ରାଉରକେଲା ପରେ କଟକରେ ହିଁ ରିଭର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହୋଇଛି। ଆର୍‌ଏସ୍‌ପି ପକ୍ଷରୁ ନୂତନ ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ କୋଏଲ ନଗରରେ ନୂତନ ପ୍ଲାଣ୍ଟ ପାଇଁ ବର୍ତ୍ତମାନ ଟ୍ରାଏଲ ବେସିସରେ ଛୋଟ ପୋଖରୀ ଖୋଳାଯିବା କାର୍ଯ୍ୟ ଚାଲିଥିବା ମଲ୍ଲିକ କହିଥିଲେ।


ରାଉରକେଲା ସହରରୁ ନଦୀକୁ ପ୍ରଦୂଷିତ ଜଳ ନିଷ୍କାସିତ ହେଉଛି।

## ସଂକ୍ଷେପରେ

### ଆର୍‌ଏମ୍‌ସି କମିଶନରଙ୍କ ବଦଳି

ରାଉରକେଲା,୨୨।୧(ସଙ୍ଗୀତା ଜେନା): ରାଉରକେଲା ମହାନଗର ନିଗମ କମିଶନର, ଅତିରିକ୍ତ ଜିଲାପାଳ, ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ସିଇଓ ଏବଂ ଆର୍‌ଡିଏର ସଚିବ ଡ. ଶୁଭଙ୍କର ମହାପାତ୍ରଙ୍କ ବଦଳି ହୋଇଛି। ତାଙ୍କୁ ଯାଜପୁର ଜିଲାପାଳ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁର ସବ୍‌କଲେକ୍ଟର ଆଶୁତୋଷ କୁଲକର୍ଣ୍ଣି ଆର୍‌ଏମ୍‌ସି କମିଶନର ଭାବେ ଯୋଗଦେବେ। ଏ ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

### ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିକ୍ଷୋଭ



ରାଉରକେଲା,୨୨।୧(ସଙ୍ଗୀତା ଜେନା): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଗାନ୍ଧୀ ପରିବାର ପ୍ରତି ଅପମାନଜନକ ମନ୍ତବ୍ୟ ଏବଂ ଭାରତ ଯୋଡ଼ୋ ନ୍ୟାୟଯାତ୍ରାକୁ ବନ୍ଦ କରିବା ପ୍ରତିବାଦରେ ରାଉରକେଲା ଜିଲା ଯୁବ କଂଗ୍ରେସ ପକ୍ଷରୁ ସୋମବାର ସନ୍ଧ୍ୟାରେ ସେକ୍ଟର-୨୧ କଂଗ୍ରେସ ଭବନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ୍‌ଙ୍କ ନେତୃତ୍ୱରେ ଡିସିସି ସଭାପତି ରଶ୍ମୀରଞ୍ଜନ ପାଢ଼ୀ, ରାଉରକେଲା ଯୁବ କଂଗ୍ରେସ ସଭାପତି ଗାନ୍ଧୀ ଦାସ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ବାସୁ ବାନାର୍ଜୀ, ଶିବୁ ଦୀପ୍, ବିରେନ ସେନାପତି, ଇଜାଜ ଅଖତାର, ଆୟୁବ ଖାନ୍, ସିଲୁ ବରାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବଙ୍ଗାଳୀ ସମ୍ପ୍ରଦାୟ ପାଳିଲେ ପିଠା ପର୍ କାର୍ଯ୍ୟକ୍ରମ

ବନ୍ଧମୁଣ୍ଡା,୨୨।୧(ସୁବ୍ରତ ଦେ): ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ବଙ୍ଗାଳୀ ସମ୍ପ୍ରଦାୟର ବଙ୍ଗଭାରତିଠାରେ ସଂଗଠନ ସଦସ୍ୟଙ୍କ ମିଳିତ ଉଦ୍ୟମରେ ପିଠା ପର୍ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ମହିଳା ସଦସ୍ୟଙ୍କ ଦ୍ୱାରା ଅନେକ ପ୍ରକାରର ସୁସ୍ୱାଦୁ ପିଠା ପ୍ରସ୍ତୁତ କରାଯାଇଥିଲା। ଚାଉଳ ମଇଦା ଦ୍ୱାରା ବିଭିନ୍ନ ପ୍ରକାରର ମିଠା, ପିଠା, ନଡ଼ିଆ ପିଠା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସଂଗଠନର ମହିଳା ଏବଂ ପୁରୁଷ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା।


ଉତ୍ସବରେ ବିଧାୟକ ସୁବ୍ରତ ତରାଇ ଏବଂ ଅନ୍ୟମାନେ।

# ଜୟଦେବ କଳାବିକାଶ କେନ୍ଦ୍ରର ବାର୍ଷିକୋତ୍ସବ

ରାଉରକେଲା,୨୨।୧(ସଙ୍ଗୀତା ଜେନା)

ରାଉରକେଲା ଜଗଦାସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ରର ୭ମ ବାର୍ଷିକୋତ୍ସବ ବାଟ ମା' ମଙ୍ଗଳା ଶକ୍ତିପୀଠ ଶକ୍ତିଭବନରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଶିଳ୍ପପତି ନିତ୍ୟାନନ୍ଦ ସିଂଘଲ, ସଙ୍ଗୀତ କଳାକାର ପ୍ରଦୀପ ଗୁରୁବାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ଶୁଚିସ୍ମିତା ବିଶ୍ୱାସ ଓ ଡ. ମୃତ୍ୟୁଞ୍ଜୟ ବାସାଙ୍କୁ ଜୟଦେବ ନୃତ୍ୟ କଳା ସମ୍ମାନ, ତବଲା ବାଦକ ଗୁରୁ ଜଗନ୍ନାଥ ଦାସଙ୍କୁ ଜୟଦେବ ବାଦ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଦନ୍ତ ଚିକିତ୍ସକ ଡା. ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଜୟଦେବ ସ୍ୱାସ୍ଥ୍ୟସେବ ସମ୍ମାନ, ବିମଳା ଲାକ୍ରାଙ୍କୁ ଜୟଦେବ ସ୍ୱଚ୍ଛତା ହିଁ ସେବା ସମ୍ମାନ, ପୁରୁଷୋତ୍ତମ ବେହେରାଙ୍କୁ ଜୟଦେବ ପ୍ରକୃତି ମିତ୍ର ସମ୍ମାନ, ସଞ୍ଜୀବ ମହାନ୍ତିଙ୍କୁ ଜୟଦେବ ଆଞ୍ଚଳିକ ବିକାଶ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ସଭାପତି ନିରେନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଚିତ୍ରକଳା ବିଭାଗର ଛାତ୍ରୀଛାତ୍ରମାନେ ଗୁରୁ ପୂର୍ଣ୍ଣଚନ୍ଦ୍ର ମହତୋଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ଡ. ସୁଶାନ୍ତ ପାଣି, ମଧୁସୂଦନ ମହାପାତ୍ର, ପ୍ରଭାତ ମହାନ୍ତି, ଡି.ଏନ. ପୃଷ୍ଟି, ନୀଳମଣି ପ୍ରଧାନ, ବ୍ରଜେନ୍ଦ୍ର ଦାସ, ହୃଷୀକେଶ ନାୟକ, ଡ. କପିଳ ଚରଣ ବାରିକ, ପରଭେଜ୍ ଅରୋରା, କାଶୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମା ମହାନ୍ତି ଓ ନରେନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମରଣିକା ପାଣି, ଲଳିତା ବଡ଼ାଇକ, ଆରତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

# ଭଲିବଲ ଟୁର୍ନାମେଣ୍ଟ, ରାଇଡିଂ କ୍ଲବ ଚାମ୍ପିୟନ


ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା,୨୨।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପାଞ୍ଚଳ ସ୍ଥିତ ସେକ୍ଟର-୯ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସ୍ପୋର୍ଟସ କ୍ଲବ ସ୍ତରୀୟ ଆନ୍ତଃ ଭଲିବଲ ଟୁର୍ନାମେଣ୍ଟ ବଜାର ପ୍ରାଙ୍ଗଣର ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସିଭିଲଟାଉନଶିପ୍ ଏବଂ ରାଇଡିଂ କ୍ଲବ ମଧ୍ୟରେ ହୋଇଥିଲା। ରାଇଡିଂ କ୍ଲବ ସିଭିଲଟାଉନଶିପ୍ ଦଳକୁ ୨-୧ରେ ପରାସ୍ତ କରି ଟୁର୍ନାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଥିଲା। ଚାମ୍ପିୟନ ଦଳକୁ ୬ହଜାର ଓ ଉପବିଜେତା ଦଳକୁ ୫ହଜାର ପୁରସ୍କାର ରାଶି ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ରାଇଡିଂ କ୍ଲବର ଉଦିତଙ୍କୁ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଓ ସିଭିଲ ଟାଉନଶିପ୍ ଦଳର ରାଜୁଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେକ୍ଟର-୯ ସ୍ପୋର୍ଟସ କ୍ଲବ ମୁଖ୍ୟ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଦିବସରେ ଅଲ ଓଡିଶା ଚେସ୍ ସଭାପତି ଗୋବିନ୍ଦ କୁମାର ମହାପାତ୍ର, ସେକ୍ଟର-୯ ମଙ୍ଗଳା ମନ୍ଦିର କମିଟି ସଭାପତି ବିଜୟ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ରାଜୀବ କୁମାର ମହାନ୍ତି, କାଶୀନାଥ ସୁନା ଓ ସୀମାଞ୍ଚଳ ମହାରଣା ରେଫରୀ ଦାୟିତ୍ୱ ତୁଲାଇଥିଲେ। ବରୋଦା ପ୍ରସନ୍ନ ଦାସ, ପୂର୍ଣ୍ଣାନନ୍ଦ ବାରିକ, ସତ୍ୟ ନାରାୟଣ ନେଟି, ଅଶୋକ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଟେନ୍‌ସା,୨୨।୧(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସା ନିକଟ ଜିରୋ ପଏଣ୍ଟ ତନ୍ତ୍ରା ରାସ୍ତାର ବାଇପାସ ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ୧୫୧ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ତନ୍ତ୍ରା ନିକଟରେ ଥିବା ଏକ ଝରଣାରୁ ପୂଜା ପାଠ କରାଯାଇ ପାଣି ଉଠାଯାଇଥିଲା। ପରେ ହନୁମାନଙ୍କୁ ସ୍ନାନ କରାଯାଇଥିଲା। ସୋମବାର ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ସାମାଜିକ କର୍ମୀ ପପୁ ମହାନ୍ତି, ଟେନ୍‌ସା ସରପଞ୍ଚ ଅନିତା ପୁର୍ତିଙ୍କ ସହଯୋଗରେ ଗତ କିଛି ବର୍ଷ ହେଲା ଏହି ହନୁମାନ ମନ୍ଦିର ନିର୍ମାଣ କରାଯାଇଥିଲା। ହେଲେ ପ୍ରତିଷ୍ଠା ହୋଇ ପାରିନଥିଲା। ଟେନ୍‌ସା ହନୁମାନ ମନ୍ଦିର କମିଟି ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯାଉଛି । ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ପପୁ ମହାନ୍ତି ତାଙ୍କ ସ୍ତ୍ରୀ ଓ କୈଳାସ ପଣ୍ଡା ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଯୋଗ ଦେଇଛନ୍ତି।

# ଫାଇନାଲରେ ଆଶୁ ଇଲେଭେନ, ଡବ୍ଲ୍ୟୁଆଇସି

ରାଉରକେଲା,୨୨।୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ସେଞ୍ଚୁରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୨୯ତମ ସେଞ୍ଚୁରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୋମବାର ଶେଷ ହୋଇଛି। ଏହି ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଜୁନିୟର ଦଳ ଓ ଆଶୁ ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆଶୁ ଇଲେଭେନ ଦଳ ଜିମ୍‌ଖାନା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଜିମ୍‌ଖାନା ଜୁନିୟର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସେନେଲ କୁମାର ସାମନ୍ତରାୟ ମାତ୍ର ୩୧ ବଲ ଖେଳି ସର୍ବାଧିକ ୩୫ ରନ ସଂଗ୍ରହ କରିଥିଲେ। ଆଶୁ ଇଲେଭେନ୍ ପକ୍ଷରୁ ଶଙ୍କଟ ମୋଚନ ତ୍ରିପାଠୀ ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ସର୍ବାଧିକ ୫ଟି ଉଇକେଟ ନେଇଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆଶୁ ଇଲେଭେନ ଦଳ ମାତ୍ର ୧୮ଓଭରରେ ୬ ଉଇକେଟ ହରାଇ ୧୧୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଉମେଶ ଗୌତମ ୩୨ ବଲ ଖେଳି ସର୍ବାଧିକ ୪୦ ରନ କରିଥିବାବେଳେ ବଳରାମ ନାଗ ୩୫ ବଲ ଖେଳି ୩୪ ରନ କରିଥିଲେ। ଆଜିର ମ୍ୟାଚ୍‌ରେ ସଙ୍କଟମୋଚନ ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜମାଲ ଖାନ ଓ ମଧୁ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଆଶୁ ଇଲେଭେନ୍ ଓ ଡବ୍ଲ୍ୟୁଆଇସି ମଧ୍ୟରେ ମଙ୍ଗଳବାର ଖେଳାଯିବ ବୋଲି ସମ୍ପାଦକ ନବାବ ଅଖତର ସୂଚନା ଦେଇଛନ୍ତି।


ଅତିଥିମାନେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ନୀଳକଣ୍ଠେଶ୍ୱର ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରାଉରକେଲା,୨୨।୧(ଦିନେଶ ମିଶ୍ର)

ହମିରପୁର କଷ୍ଟ୍ରାକ୍ଟର କଲୋନୀ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଚତୁର୍ଦ୍ଦିବସୀୟ କାର୍ଯ୍ୟକ୍ରମ ଯଥାବିଧି କରାଯାଇଥିଲା। ପଣ୍ଡିତ ଉପେନ୍ଦ୍ର ନନ୍ଦ, ବିଧୁଭୂଷଣ ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା, ମହେଶ୍ୱର ପଣ୍ଡା, ବଳରାମ ପତି ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ହରିହର ରାଉତରାୟ, ଆନନ୍ଦ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ସେଠୀ, ଅଭୟ କୁମାର ଦାସ, ଆର. କେ. ନାୟକ, ବଟକୃଷ୍ଣ ଶତପଥୀ, ଭାସ୍କର ମହାପାତ୍ରଙ୍କ ସମେତ ସହରର ବହୁ ଜଣାଶୁଣା ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁରେଶ କୁମାର ଦଳବେହେରା ଓ ପଦ୍ମାବତୀ ଦଳବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ନିରଞ୍ଜନ ସାମନ୍ତରାୟ, ଜ୍ୟୋତ୍ସ୍ନାରାଣୀ ରାଉତ, ଚନ୍ଦ୍ରଭାନୁ ରାଉତ, ଧର୍ମେନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ପାତ୍ର, ଶ୍ରୀକାନ୍ତ ସାହୁ, ଡକ୍ଟର ସୁମନ ଦତ୍ତ, ଅଶୋକ ସାହୁ, ସୋହନ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅନ୍‌ଲାଇନ୍ ମାର୍କେଟିଂ ଅଫିସରୁ ଚୋରି

ରାଉରକେଲା,୨୨।୧(ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଏକ ଅନ୍‌ଲାଇନ୍ ମାର୍କେଟିଂ କାର୍ଯ୍ୟାଳୟ ଲକର ଭାଙ୍ଗି ସୋମବାର ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ କାର୍ଯ୍ୟାଳୟ ଅଧିକାରୀ ଥାନାରେ ଅଭିଯୋଗ କରିଛନ୍ତି। ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ ମାର୍କେଟିଂ କମ୍ପାନୀର ଏହି ଶାଖା ଲକରରେ ୨ଦିନର ଜମା ରାଶି ରଖାଯାଇଥିଲା ବୋଲି ଜଣାପଡ଼ିଛି।

# ହନୁମାନ ବାଟିକାରେ ଜଳିଲା ବିଶାଳ ଦୀପ

ରାଉରକେଲା,୨୨।୧(ବିପ୍ଳବ ରଞ୍ଜନ ଦାଶ)

ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ରାଉରକେଲା ହନୁମାନ ବାଟିକାରେ ବିଶାଳ ଦୀପ ଲଗାଯାଇଛି। ସ୍ମାଇଲ ଫର ଏଭର ଫାଉଣ୍ଡେଶନ, ହନୁମାନ ବାଟିକା ଟ୍ରଷ୍ଟ ଓ ରାଉରକେଲା ସହରବାସୀଙ୍କ ମିଳିତ ସହଯୋଗରେ ସୋମବାର ପୂର୍ବାହ୍ନ ୧୦ଟାରେ ମେ ଫେୟାର ହକି ଗ୍ରାମରୁ ୧୨ଫୁଟ ଓସାର ଏବଂ ୫ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ଦୀପକୁ ଶୋଭାଯାତ୍ରାରେ ଆଣି ହନୁମାନ ବାଟିକାରେ ସ୍ଥାପନ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦୀପ ଶୋଭାଯାତ୍ରା ଛେଣ୍ଡ ଗେଟ-୧, ବିମାନ ବନ୍ଦର ରାସ୍ତା ଏବଂ ରିଂ ରୋଡ୍ ଦେଇ ହନୁମାନ ବାଟିକାରେ ପହଞ୍ଚିଥିଲା। ସନ୍ଧ୍ୟା ୫ଟାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ହଜାର ହଜାର ଶ୍ରଦ୍ଧାଳୁ ହନୁମାନ ବାଟିକାରେ ଶ୍ରୀ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଦୀପ ଜଳାଇଥିଲେ। ଏହି ଦୀପ ୪୫ଦିନ ବ୍ୟାପୀ ଜଳିବାକୁ ଥିବାବେଳେ ବୈଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ, ସୁନ୍ଦରାକାଣ୍ଡ ପାରାୟଣ କରାଯାଉଛି। ସ୍ମାଇଲ ଫର ଏଭର ଫାଉଣ୍ଡେଶନର ମୁଖ୍ୟ ସନ୍ତୋଷ ବିଶ୍ୱାଳ, ଉପଦେଷ୍ଟା ମନ୍ଦିର ଟ୍ରଷ୍ଟି ତଥା ସଚିବ ଶୁଭ ପଟ୍ଟନାୟକ, ହରି ରାଉତରାୟ, ପ୍ରମୋଦ କୁମାର ନେପୋଲିଆ, ଦୌଲତ ଅଗ୍ରୱାଲ, ରାଜା ରାୟ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ରାଉରକେଲାର ବିଭିନ୍ନ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଦୀପରେ ଘୃତ ଅର୍ପଣ କରୁଛନ୍ତି।

# ରାମମୟ ଇସ୍ପାତ ସହର

ରାଉରକେଲା,୨୨।୧(ଦିନେଶ ମିଶ୍ର)

ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଇସ୍ପାତ ସହର ରାଉରକେଲା ଉତ୍ସବ ମୁଖର ହୋଇଉଠିଥିଲା। ସହରରେ ଯୁବା ମାରୱାଡି ମଞ୍ଚ, ବାସନ୍ତୀ ୱେଲଫେୟାର କମିଟି, ନ୍ୟାଶନାଲ କ୍ଲବ, ଚାମ୍ବର ଅଫ୍ କମର୍ସ, ମା' ତାରିଣୀ କ୍ଲବ, ମାଲଗୋଦାମ ସଙ୍କଟମୋଚନ କମିଟି, ଟ୍ୟାକ୍ସବାର ଆସୋସିଏଶନ, କଳିଙ୍ଗ ବିହାର ସେବା ସମିତି ଭଳି ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଏହି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏଥିପାଇଁ ବିଭିନ୍ନ ମଠ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଶେଷ କରି ହନୁମାନ ବାଟିକା ରାମ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ରିଂରୋଡରେ ସ୍ୱତନ୍ତ୍ର ବାଇକ୍ ରାଲି ସାଙ୍ଗକୁ ରାମଚରିତ ମାନସ ପାଠ କରାଯାଇଥିଲା। ବାସନ୍ତୀ କଲୋନୀ ସ୍ଥିତ ଦୁର୍ଗାପୁର ପାହାଡ ଉପରେ ଆଖଣ୍ଡଳମଣି ମନ୍ଦିର କମିଟି ପକ୍ଷରୁ ଏକ ଅଖଣ୍ଡଦୀପ ଜଳାଯାଇ ହନୁମାନ ଚାଳିସା ପାଠ ହୋଇଥିଲା। ସହରବାସୀ ଘର ଦୁଆର ମୁହଁ ଚଉଁରାମୂଳରେ ଝୋଟି ଓ ଚିତା ପକାଇ ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ସହରର ବିଭିନ୍ନ ସ୍ଥାନରେ ଭଗବା ରଙ୍ଗର ବେଲୁନ୍ ସାଙ୍ଗକୁ ହନୁମାନ ଓ ରାମଙ୍କ ପତାକା ଲଗାଇ ପୁରା ସହର ରାମମୟ ହୋଇ ଉଠିଥିଲା। ଏହି ଅବସରରେ ଛେଣ୍ଡ, ପାନପୋଷ, ସିଭିଲଟାଉନଶିପ୍, ଡେଲି ମାର୍କେଟ, ପାୱାରହାଉସ୍ ରୋଡ୍, ବିଶ୍ରା ଡାହାର, ଓରାମପଡା, ଆମ୍ବେଡ଼କର, ଗୋପବନ୍ଧୁପାଲି ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖିଚିଡ଼ି, ଚୁଡାଘଷା, ଲଡୁ ବିତରଣ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ଆତସବାଜି ହୋଇଥିଲା।



ରାଉରକେଲା ସହରର ତ୍ରିଶକ୍ତି ଧାମରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ସଂକ୍ଷେପରେ

### କୁଦୋପାଲି ରାଜାରାମ ତ୍ରିପାଠୀ ସ୍ମାରକୀ ଫୁଟବଲ ପ୍ରତିଯୋଗିତା

ସମ୍ବଲପୁର,୨୨।୧ (ଭବାନୀ ଶଙ୍କର ଭୋଇ):

ପରମାଣପୁର ନିକଟସ୍ଥ କୁଦୋପାଲିରେ ରାଜାରାମ ତ୍ରିପାଠୀ ସ୍ମାରକୀ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମହିଳା ଫୁଟବଲ ପ୍ରତିଯୋଗିତାରେ ସମ୍ବଲପୁର ଦଳ କୁଦୋପାଲି ଦଳକୁ ୨-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ପୁରୁଷ ଫୁଟବଲ ପ୍ରତିଯୋଗିତାରେ ରାଇଢୁଙ୍ଗୁରୀ ଦଳ କୁସୁମଡିହି ଦଳକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଶ୍ରୀ ବୀଣାପାଣି ଯୁବକ ସଂଘର ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୋନିକା ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଗାନ୍ଧୀ ବେହେରା, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନ ସାହୁ, ଶୁଶୀଲ କିଷାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ କୃଷ୍ଣ ତ୍ରିପାଠୀ, କିରନ ଓରାମ ସଚିବା ପ୍ରଧାନ ଖେଳ ପରିଚାଳନା କରିଥିଲେ।

### କଂଗ୍ରେସ ପକ୍ଷରୁ ନ୍ୟାୟ ଯାତ୍ରାକୁ ନେଇ ଜନସଚେତନତା

ସମ୍ବଲପୁର,୨୨।୧ (ଭବାନୀ ଶଙ୍କର ଭୋଇ):

କଂଗ୍ରେସ ଭବନଠାରେ ପ୍ଲାବନ ବହିଦାରଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରା ଉପରେ ସୋମବାର ଆଲୋଚନା ଏବଂ ଜନସଚେତନତା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିବର୍ଷ ୨ କୋଟି ଯୁବକଙ୍କୁ ରୋଜଗାର ପାଇଁ ପ୍ରତିଶ୍ରୁତି ଦେଇ ଏଯାଏଁ କେବଳ ୧୦ଲକ୍ଷ ଯୁବକଙ୍କୁ ହିଁ ରୋଜଗାର ଦେଇପାରିଛନ୍ତି। ଦେଶରେ ୩୦ ପ୍ରତିଶତରୁ ଅଧିକ ଲୋକ ଗରିବ ରେଖା ତଳେ ରହୁଛନ୍ତି। ରାଜ୍ୟରେ ମଧ୍ୟ ନିଯୁକ୍ତି ମେଳା ନାଁରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଥାପି ରାଜ୍ୟରେ ଯୁବକମାନେ ବେକାର ହୋଇ ବୁଲୁଛନ୍ତି। ସେମାନଙ୍କ ପାଖରେ କୌଣସି କାମ ନ ଥିବାରୁ ଅନ୍ୟ ରାଜ୍ୟକୁ ଦାଦାନ ଖଟିବାକୁ ଯାଇ ସମସ୍ୟାରେ ପଡୁଛନ୍ତି। ଯୁବକମାନେ ଉଚ୍ଚ ଶିକ୍ଷିତ ହେବା ପରେ ମଧ୍ୟ ଚାକିରି ଖଣ୍ଡେ ପାଇଁ ଅପେକ୍ଷା କରି ରହିଛନ୍ତି। ସେଥିପାଇଁ ଯୁବକମାନଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସଚେତନ କରିବାକୁ ଭାରତ ଯୋଡୋ ନ୍ୟାୟ ଯାତ୍ରା ପାଇଁ ରାହୁଲ ଗାନ୍ଧୀ ବାହାରିଥିବା ଜିଲା ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଆଜିର ସଚେତନତା କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟିର ଉପ ସଭାପତି ହରିବନ୍ଧୁ ପାଢୀ, ସାମାଜିକ ଗଣମାଧ୍ୟମ ତଥା ରାଜ୍ୟ ସଂଯୋଜକ ଅଂଶୁମାନ ନନ୍ଦ, ମୁକେଶ ନାୟକ, ନିଳକଣ୍ଠ ମେସୁଆ, ବିକାଶ ବେହେରା, ଅଶ୍ୱିନୀ ପ୍ରଧାନ, ଜିଲା ଛାତ୍ର କଂଗ୍ରେସ ସଭାପତ ଗିରିଶ ପୃଷେଠ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ସମ୍ବଲପୁରରେ ଜଳିଲା ୧,୧୧,୧୧୧ ଦୀପ

- କାଶୀ ପଣ୍ଡିତଙ୍କ ଦ୍ୱାରା ମହାନଦୀ ଆଳତି
- ନଦୀଗର୍ଭରେ ଚିତ୍ତାକର୍ଷକ ଆତସବାଜି

ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)



ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ଦୀପ ପ୍ରଜ୍ୱଳନ କରାଯାଇଛି।



ବ୍ରହ୍ମ ପଣ୍ଡିତ ମହାସଭା ଦ୍ୱାରା ବିଷ୍ଣୁ ସହସ୍ର ନାମ ଜପ କରାଯାଉଛି।

ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର ସନ୍ଧ୍ୟାରେ ସମ୍ବଲପୁର ମହାନଦୀର ମାରୱାଡ଼ିପଡ଼ା ଅଯୋଧ୍ୟା ସରୋବର ଘାଟରେ ୧ ଲକ୍ଷ ୧୧ ହଜାର ୧୧୧ ପ୍ରଦୀପ ପ୍ରଜ୍ୱଳିତ ହୋଇଛି। ଏକ ଧାର୍ମିକ ପରିବେଶ ମଧ୍ୟରେ ମାରୱାଡ଼ି ଯୁବା ମଞ୍ଚ ଓ ନବ ଚେତନା ସଂଘ କ୍ଷେତରାଜପୁର ଶାଖା ପକ୍ଷରୁ ଏହି ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟାରୁ ଏଠାରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଘାଟର ଶିଡ଼ିରେ ଦୀପଗୁଡ଼ିକୁ 'ଜୟ ଶ୍ରୀରାମ', 'ଆଇ ଲଭ୍ ସମ୍ବଲପୁର' ଲେଖାରେ ସଜଡ଼ା ଯାଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପକ୍ଷରୁ ବିଷ୍ଣୁ ସହସ୍ରନାମ ଜପ କରାଯାଇ ସନ୍ଧ୍ୟା ନଇଁବା ସହ ସମସ୍ତ ଦୀପ ପର୍ଯ୍ୟାୟକ୍ରମେ ପ୍ରଜ୍ୱଳିତ କରାଯାଇଥିଲା। ଏହି ସମୟରେ ଡାକବାଜି ଯନ୍ତ୍ରରେ ଭକ୍ତି ସଙ୍ଗୀତ, ଭଜନ ସହିତ ହୁଳହୁଳି, ଶଙ୍ଖ, ଘଣ୍ଟ ବାଦ୍ୟ ସହ 'ଜୟ ଶ୍ରୀରାମ', 'ହରିବୋଲ' ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ଅଯୋଧ୍ୟା ସରୋବର ସହ ସମଗ୍ର ଅଞ୍ଚଳ। ପଣ୍ଡିତ ସନ୍ତୋଷ ପାଣ୍ଡେଙ୍କ ନେତୃତ୍ୱରେ ୫ ଜଣ କାଶୀ ପଣ୍ଡିତ ମହାନଦୀ ଘାଟରେ ଥିବା ଶିବ ମନ୍ଦିରରେ ନୀତି ଅନୁସାରେ ପୂଜାର୍ଚ୍ଚନା କରି ରିଂରୋଡ଼ ପାର୍ଶ୍ୱସ୍ଥ ପର୍ଶୁରାମ କଲ୍ୟାଣ ମଣ୍ଡପ ସଂଲଗ୍ନ ମଞ୍ଚ ଉପରେ ମହାନଦୀ ଆଳତି କରିଥିଲେ। ଏଥିରେ କୁନି ବାଳିକା ଓ ବାଳକମାନେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ବୀର ହନୁମାନ ବେଶରେ ସଜ୍ଜିତ ହୋଇ ସାମିଲ ହୋଇଥିଲେ। ଆଳତି ପରେ ଆୟୋଜକ ମାରୱାଡ଼ି ଯୁବାମଞ୍ଚ ଓ ନବଚେତନା ଶାଖାର ସଦସ୍ୟମାନେ ଡଙ୍ଗାରେ ମହାନଦୀ ଗର୍ଭକୁ ଯାଇ ପ୍ରାୟ ୧ ଘଣ୍ଟାଧରି ଏକ ଚିତ୍ତାକର୍ଷକ ଆତବାଜି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ସମ୍ବଲପୁର ମହାନଦୀ ଆକାଶ ପ୍ରକମ୍ପିତ ହେବା ସହ ରଙ୍ଗିନ ହୋଇ ଉଠିଥିଲା। ଦୀପ ପ୍ରଜ୍ୱଳନରେ ପ୍ରାୟ ୩୫୦ଟି ୧୬ ଲିଟର ବିଶିଷ୍ଟ ଟିଣ ମୋଟ୍ ସାଢ଼େ ୫ ହଜାର ଲିଟର ରାଶି ତେଲ ବ୍ୟବହୃତ ହୋଇଥିଲା। ଚାଉଁରପୁର ଗ୍ରାମର କୁମ୍ଭକାର ପରିବାର ଦିନରାତି ପରିଶ୍ରମ କରି ଦୀପ ଯୋଗାଇ ଦେଇଥିଲେ। ଜିଲା ପ୍ରଶାସନ ସହ ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏହାକୁ ନେଇ ରବିବାର ରାତିରେ ପୋଲିସ ପକ୍ଷରୁ ଦଳେଇପଡ଼ା, ପୀରବାବାଛକ, ଗୋଲବଜାର, ଲକ୍ଷ୍ମୀଟକିଜ, ମୁଦପଡ଼ା, ଆଦର୍ଶମାର୍ଗ, ଧନୁପାଲି, ମୋତିଝରଣ ଆଦି ବିଭିନ୍ନ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ୮ ଇନ୍ସପେକ୍ଟର, ୫୨ ଏସ୍‌ଆଇ ଓ ୧୦ ପ୍ଲାଟୁନ ପୋଲିସ ସୁରକ୍ଷା କର୍ମୀଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଥିଲା।

## ହୀରାକୁଦ ମହୋତ୍ସବ ପାଇଁ ଭୂମିପୂଜା

ସମ୍ବଲପୁର,୨୨।୧(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ସୁଭାଷ ପଡିଆରେ ଚଳିତ ମାସ ୨୬ ରୁ ୨୯ ପର୍ଯ୍ୟନ୍ତ ହେବ ହୀରାକୁଦ ମହୋତ୍ସବ । ତେଣୁ ସୋମବାର ଅଷ୍ଟମ ହୀରାକୁଦ ମହୋତ୍ସବ ପାଇଁ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ମହୋତ୍ସବ ଆୟୋଜନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଯାଇ ଧ୍ୱଜା ବନ୍ଧାଯାଇଥିଲା। ଏହାପରେ ମଞ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ହିଣ୍ଡାଲକୋ କମ୍ପ୍ଲେକ୍ସ ଏଚଆର ମୁଖ୍ୟ ବିଶ୍ୱାସ ସିନ୍ଧେ, ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲିକ, ଏଫ୍‌ଆରପି ଏଚ୍‌ଆର ମୁଖ୍ୟ ଶିବ ପ୍ରସାଦ ମିଶ୍ର, ସ୍ମେଲ୍ଟର ଇଆର ଓଆଇ ଆର ମୁଖ୍ୟ ସତ୍ୟ ପ୍ରକାଶ ଦାସ, ସି ଏସ୍ ଆର ମୁଖ୍ୟ ସୁକାନ୍ତ ମହାପାତ୍ର, ମହୋତ୍ସବ କମିଟି ର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟାଇ, ଉପସଭାପତି ସଚ୍ଚିକାନ୍ତ ମିଶ୍ର, ଲଳିତ ପାଇକରାୟ, ବିରେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା, ସଙ୍ଗଠନ ସମ୍ପାଦକ ପ୍ରଦୀପ ପଣ୍ଡା, ସାଂସ୍କୃତିକ ସଂଯୋଜକ ସଞ୍ଜୀବ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ଅଶୋକ ପଣ୍ଡା, ଭାସ୍କର ଦାସ, ଘନଶ୍ୟାମ ବାର୍ତିଆ, ସୁକାନ୍ତ ମହାରଣା, ଅମର ଗୌଡ଼, ଟୁଟୁ ହୋତା, ଶ୍ରୀମନ୍ତ ବେହେରା, ବାଳକୃଷ୍ଣ ତ୍ରିପାଠୀ, ଜ୍ଞାନେନ୍ଦ୍ରିୟ ଦାସ, ଉମାଶଙ୍କର ଗୌଡ଼, ଜିତେନ୍ଦ୍ର ବନ୍ଧୁକି ପ୍ରମୁଖ ଉପସ୍ଥିତ ଥିଲେ ।



ହୀରକୁଦ ମହୋତ୍ସବ ସକାଶେ ଭୂମି ପୂଜନ କରାଯାଉଛି।

## ସବୁଠି ହୋମକାର୍ଯ୍ୟ, ପୂଜା, ସଂକୀର୍ତ୍ତନ

ନାକଟିଦେଉଳ,୨୨।୧(ବୈକୁଣ୍ଠନାଥ ସାହୁ)

ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ ଜନସାଧାରଣଙ୍କ ଜୟ ଶ୍ରୀରାମ ନାରାରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ନାକଟିଦେଉଳ ଗ୍ରାମରେ ଥିବା ରଘୁନାଥଜୀଉ ମନ୍ଦିରରେ ସୋମବାର ସକାଳୁ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସହ ହୋମକାର୍ଯ୍ୟ କରାଯାଇଥିଲା। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମସ୍ଥଳରୁ କଳସ ଶୋଭାଯାତ୍ରାରେ ବାହାରି ଜୟ ଶ୍ରୀରାମ ନାରା ଦେଇ ନାମ ସଂକୀର୍ତ୍ତନ ସହ ବସଷ୍ଟାଣ୍ଡ, ବ୍ଲକ ଛକ ଏବଂ ଗ୍ରାମ ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ ଶିଶୁ ମନ୍ଦିର ଛାତ୍ରୀଛାତ୍ର ମଧ୍ୟ ଗୈରିକ ପତାକା ଧରି ସାମିଲ ହୋଇଥିଲେ। କେବଳ ନାକଟିଦେଉଳ ସଦର ନୁହେଁ, ସମଗ୍ର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ମଧ୍ୟ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ନାମସଂକୀର୍ତ୍ତନ ସହ ପୂଜା ଓ ହୋମ କାର୍ଯ୍ୟ କରାଯାଇଛି।

## ୨ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟକ ରୋହିତ ପୂଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନାକଟିଦେଉଳ, ୨୨।୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ୨ଟି ରାସ୍ତାର ଉନ୍ନତିକରଣ ପାଇଁ ସୋମବାର ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନ ତାଲପାଲି -ଗୋଧିଡିପ ଭାୟା ବଳମ ବରଘାଟ ୩୧ କୋଟି ୩୦ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ୬୧ କି. ମି. ରାସ୍ତାର ପ୍ରଶସ୍ତିକରଣ ପାଇଁ ସରାପାଲି ଠାରେ ଶିଳାନ୍ୟାସ କରାଯାଇଛି। ବାଟଗାଁଠାରୁ ଦେବଗଡ଼ ସୀମା ପର୍ଯ୍ୟନ୍ତ ଭାୟା ବସାଲୋଇ ୯ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ଉନ୍ନତିକରଣ ପାଇଁ ଭାଲୁଗାଡ଼ିଆଠାରେ ଶିଳାନ୍ୟାସ କରାଯାଇଛି। ପୂଜାରୀ ନାକଟିଦେଉଳ ବ୍ଲକ ଗସ୍ତକରି ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର କରି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପୂର୍ତ୍ତବିଭାଗ ଯନ୍ତ୍ରୀ ସତ୍ୟଜିତ ସାମଲ, ସମ୍ବଲପୁର ଜିଲା ବିଜେଡି ଉପସଭାପତି ଅନାଦି ଚରଣ ସାହୁ, ନାକଟିଦେଉଳ ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ଜୋନ ୨ର ଜିଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ପିଣ୍ଟୁ ଧଳଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବୁର୍ଲା ଭକ୍ତିମଣ୍ଡପରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୨।୧ (ପ୍ରମୋଦ ବହିଦାର)

ଚାରିଆଡ଼େ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସୋମବାର ଧୁମଧାମରେ ପାଳନ କରାଯାଇଛି। ବୁର୍ଲା ଭକ୍ତିମଣ୍ଡପ ପୁରାତନ ରଥଯାତ୍ରା କମିଟି ପକ୍ଷରୁ ମଧ୍ୟ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପାଳିତ ହୋଇଥିଲା। ଏଥିରେ ଶତାଧିକ ସଂଖ୍ୟାରେ ଭକ୍ତ ସାମିଲ ହୋଇ ପୂଜାର୍ଚ୍ଚନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଦିନତମାମ ଏଠାରେ ହୋମଯଜ୍ଞ ଆଦି କରାଯାଇ ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପୂଜାର୍ଚ୍ଚନାରେ ରମେଶ ଚନ୍ଦ୍ର ବଳ ଓ ତାଙ୍କ ସ୍ତ୍ରୀ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କମିଟିର ଉପଦେଷ୍ଟା ଲବଣୀଶ୍ୱର ପଣ୍ଡା, ସୁବାସ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ପ୍ରଭାକର ମିର୍ଦ୍ଧା, ଲଡୁ ପଟ୍ଟନାୟକ, ଶଙ୍କର ବିଶ୍ୱାଳ, ପିଙ୍କୁ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସଞ୍ଜୀବ ପାଢ଼ୀ, ପ୍ରଭାସ ପାଢ଼ୀ, ଲବ ପଣ୍ଡା, ଆଶୁତୋଷ ବିଶି, ମୀନ ଦାସ, ରାଜେଶ ପତି, ପିଣ୍ଟୁ ପଣ୍ଡା ପ୍ରମୁଖ ପଣ୍ଡିତ ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ।



## ସମ୍ବଲପୁରରେ ଉତ୍ସବର ମାହୋଲ

ସମ୍ବଲପୁର,୨୨।୧ (ଭବାନୀ ଶଙ୍କର ଭୋଇ):

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ସାରା ସମ୍ବଲପୁର ସୋମବାର ଉତ୍ସବ ମୁଖର ହୋଇଯାଇଛି। ସହରର ରାସ୍ତାଘାଟ ଠାରୁ ଆରମ୍ଭ କରି ଘରଆଗରେ ଦୀପ ଜଳାଇ ଲୋକମାନେ ପ୍ରତିଷ୍ଠା ଉତ୍ସବକୁ ସ୍ମରଣୀୟ କରିଛନ୍ତି। ସହରର ସମସ୍ତ ମନ୍ଦିରକୁ ସାଜସଜ୍ଜା କରାଯାଇଥିଲା। ଏହି ଅବସରରେ ନବିନ ଏବଂ ପ୍ରବୀଣ କଳାକାରମାନେ ରିଂରୋଡରେ ରାମଙ୍କ ଚିତ୍ର କେନଭାସରେ ଆଙ୍କିଥିଲେ। ବରିଷ୍ଠ କଳାକାର ସଞ୍ଜୟ ସାହୁ ଏହାର ନେତୃତ୍ୱ ନେଇ କଳାକାରଙ୍କୁ ରାମମୟ କରିବାରେ ପ୍ରେରିତ କରିଥିଲେ। ହାଟପଡାରେ ବୀର ବଜରଙ୍ଗ ସଂଘ ପକ୍ଷରୁ ମୁଦଗର ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଗୋତମ ମୁଣ୍ଡା ପ୍ରଥମ, ନବୀନ ବାଘ ଦ୍ୱିତୀୟଏବଂ ରୋନକ ପୂଝାରୀ ତୃତୀୟ ସ୍ଥାନ ହାସିଲ କରି ପୁରସ୍କୃତ ହୋଇଥିଲେ। ହାଟପଡ଼ାର ପୂର୍ବତନ ଆଖଡ଼ା ଉସ୍ତାଦ ଚେରୁ ସେଠ୍, କୁନୁ ସେଠ୍, ପୂର୍ଣ୍ଣଚନ୍ଦ୍ର ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବୀର ବଜରଙ୍ଗ ସଂଘର ଦିଲୀପ ସାହୁ, ବିଶ୍ୱଜିତ ଦେହେରୀ,ରାଜା ବରାଡ଼, ସୋମନାଥ ସେଠ୍, ଅଜୁ ସେନାପତି ସହଯୋଗ କରିଥିଲେ। ମହିଳାମାନେ ଘର ସାମନାରେ ମୁରୁଜ କାଟିଥିଲେ । ବୃନ୍ଦାବିହାରସ୍ଥିତ ରାମ ମନ୍ଦିର, ଭୁତାପଡା ସ୍ଥିତ ଭୁତନାଥବାବାଙ୍କ ମନ୍ଦିର, ଖାଡୁଆପଡା ଲୋକନାଥ ବାବାଙ୍କ ମନ୍ଦିର, ସାରସ୍ୱତ କଲୋନୀ ସତ୍ୟସାଇ ଦତ୍ତାତ୍ରୟ ମନ୍ଦିର, ସାକ୍ଷୀପଡା ହନୁମାନ ମନ୍ଦିର, ମୁଦିପଡା ହନୁମାନ ମନ୍ଦିର ସମେତ ସହରର ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ମହାନଦୀ ଗର୍ଭସ୍ଥ ରାମପାଦରେ ହୋମଯଜ୍ଞ

ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଦୀ ଗର୍ଭରେ ଥିବା ଐତିହାସିକ ତଥା ଧାର୍ମୀକ ପୀଠ ରାମପାଦରେ ସୋମବାର ହୋମଯଜ୍ଞାଦି ପୂଜାର୍ଚ୍ଚନା କରାଯାଇଛି। ସକ୍ଷମ ପରିବାର, ଦୁର୍ଗାପଲି ଗ୍ରାମବାସୀ ଓ ଭାଜପା ପକ୍ଷରୁ ମିଳିତ ଭାବେ ଏହି ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦିତ ହୋଇଛି। ଆଜକୁ ପ୍ରାୟ ୫୫୦ ବର୍ଷ ତଳେ ୧୪ ଦିନ ପର୍ଯ୍ୟନ୍ତ ୧୫ ଜଣ ସାଧୁ ଏଠାରେ ହୋମଯଜ୍ଞ ସହ ପ୍ରଭୁ ଶ୍ରୀରାମଙ୍କ ମନ୍ତ୍ର ଜପ କରିଥିବା ମାନ୍ୟତା ରହିଛି। ଏହାକୁ ଅନୁସରଣ କରି ଏଠାରେ ହୋମଯଜ୍ଞ କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିବା ଆୟୋଜକ ସକ୍ଷମ ପରିବାର ପକ୍ଷରୁ କୁହାଯାଇଛି। ଏଥିରେ ଭାଜପା ନେତା ସୂର୍ଯ୍ୟପାଣିଗ୍ରାହୀ, ସରୋଜ ସାହୁ, ଡା. ପ୍ରଭାସ ଦେବତା, ରଞ୍ଜିତ ରଥ, ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ର, ସଞ୍ଜୟ ଠାକୁର, ମନିତୋଷ ସାହୁ, ସୌମିତ୍ର ସାହୁ, ଶୁଭମ୍ ମେହେର, ସୌରଭ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ମହାନଦୀ ଗର୍ଭସ୍ଥ ଧାର୍ମିକ ପୀଠ ରାମପାଦରେ ହୋମଯଜ୍ଞ କରାଯାଉଛି।

## ସମ୍ବଲପୁର ପୁସ୍ତକମେଳାରେ ବିବିଧ କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୧(ବି.ଶଙ୍କର)

ନ୍ୟାସନାଲ ବୁକ ଟ୍ରଷ୍ଟ ଇଣ୍ଡିଆ ଓ ସେତୁ ଆୟୋଜିତ ସମ୍ବଲପୁର ପୁସ୍ତକମେଳାରେ ସୋମବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ଶିଶୁମାନଙ୍କ ଆସ ଓଡ଼ିଶୀ ଶିଖିବା, ସୁନୋ କାହାନୀ, ଆବୃତ୍ତି ପ୍ରତିଯୋଗିତା ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାଗ ନେଇଥିବା ୨୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆସନ୍ତାକାଲି ମଙ୍ଗଳବାର ୱାର୍ଲ୍ଡଅଫ ଷ୍ଟୋରୀ ଲ୍ୟାଣ୍ଡ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ଲେଖକଙ୍କ ସହିତ ସାକ୍ଷାତକାର ହୋଇଥିଲା। ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ସୌଭାଗ୍ୟବନ୍ତ ମହାରଣା ଏବଂ କବି ଡ. ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଅଖିଳ ମୋହନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ଜାତୀୟ ଶିକ୍ଷାନୀତି ୨୦୨୦ : ମାତୃଭାଷାର ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ସେତୁ ସଭାପତି ଡ. ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଉପାଧ୍ୟକ୍ଷ ଡ. କାମଦେବ ସାହୁ ଓ ଡ. ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡ. ନିରୁପମା ବଡ଼ପଣ୍ଡା ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଏଥିରେ ଭିମସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ବିମଳ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ଶିଶୁର ବ୍ୟକ୍ତିତ୍ୱ ବିକାଶରେ ମାତୃଭାଷାର ମହତ୍ତ୍ୱ ଏବଂ ତତ ପରିପ୍ରେକ୍ଷୀରେ ଜାତୀୟ ଶିକ୍ଷାନୀତିରେ ହୋଇଥିବା ବ୍ୟବସ୍ଥାଗୁଡ଼ିକ ଆଲୋଚନା କରିଥିଲେ । ଶିଶୁ ଯେଉଁ ପରିବେଷ୍ଟନୀରେ ବଢ଼ିଥାଏ ସେଠିକାର ସଂସ୍କୃତି ହିଁ ତାର ଭାଷା ନିରୁପଣ କରିଥାଏ । ଜନଜାତି ସମ୍ପ୍ରଦାୟର ଶିଶୁମାନଙ୍କୁ ଶିକ୍ଷାଦାନ ସମୟରେ ତାଙ୍କ ନିଜ ଭାଷା ଓ ସଂସ୍କୃତିକୁ ନେଇ ଶିକ୍ଷାଦାନ ପ୍ରଣାଳୀ ହେବା ଉଚିତ ବୋଲି ବକ୍ତାମାନେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିପ୍ତୀରେଖା ଓ ଦଳ ଦର୍ଶକଙ୍କୁ ବିମୋହିତ କରିଥିଲେ । ଅସୀମ ପ୍ରଧାନ ଓ ସୀମାନ୍ତିକା ଦାସ ଉଦ୍‌ଘୋଷକ ଥିଲେ ।



ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆସ୍ଥିତ ପୁସ୍ତକ ମେଳା ମଞ୍ଚରେ କଳାକାରମାନେ ଓଡିଶୀ ନୃତ୍ୟ ପରିବେଷର କରୁଛନ୍ତି।

## ସଂକ୍ଷେପରେ

### ବେକରେ ଗାମୁଛା ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଥୁଆମୂଳ ରାମପୁର,୨୨।୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ସିରିମସ୍କା ଗ୍ରାମରେ ଘରେ କେହି ନ ଥିବା ବେଳେ ଜଣେ ବୃଦ୍ଧ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ସିରିମସ୍କା ଗ୍ରାମସ୍ଥିତ ବଳଭଦ୍ର କଲୋନୀରେ ମଙ୍ଗଲୁ ନାଏକ(୬୦)। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିରିମସ୍କା ଗ୍ରାମସ୍ଥିତ ବଳଭଦ୍ର କଲୋନୀରେ ମଙ୍ଗଲୁ ଘରେ କେହି ନ ଥିବା ସମୟରେ ବେକରେ ଗାମୁଛା ଗୁଡେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧ ଜଣକ ବୋହୁ ଦିନରୁ ମାନସିକ ଗ୍ରସ୍ତଥିଲେ ଓ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ

**୧୮୧ ଫୁଟର ମୂର୍ତ୍ତି ହେବ ନିର୍ମାଣ**

ଲାଞ୍ଜିଗଡ଼,୨୨।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଧସ୍ଥିତ ହନୁମାନ ବାଟିକାଠାରେ ଭାରତର ସର୍ବଶ୍ରେଷ୍ଠ ୧୮୧ ଫୁଟର ମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଶ୍ରୀରାମଙ୍କ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରମେଶ ସାହୁ ଏବଂ ପୂଜକ ଭାବେ ମାୟାଧର ଶତପଥି କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ପୋଖରୀବନ୍ଧ, ବିନାୟକପୁର, ଜାରିଙ୍ଗପଟା, ଇରକୁଲି, ମେଲଘୁଟୁ, ପୋଡାଉମେର, ଲୋକନାଥପୁର ଆଦି ଅଞ୍ଚଳରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ଆମ୍ୱୋଦେଲା ପଞ୍ଚମୁଖୀ ହନୁମାନ ସେବକ ନିତ୍ୟାନନ୍ଦ ଦାସ, ହନୁମାନ ବାଟିକା କମିଟର ଭବାନୀ ବଣୁଆ, ସାନାତନ ବିଶି, ବିକ୍ରମ ବାରିକ, ଭାଗିରଥି ବଣୁଆ, ସରପଞ୍ଚ ସସ୍ମିତା ମାଝି ପ୍ରମୁଖ ସହଯୋଗ କରିଥିଲେ।

# କଂକ୍ରିଟ ରାସ୍ତାରେ ଫାଟ, ପିଚୁ ଉଠିଛି

ବେହେରା,୨୨।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକରେ ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା ଅନେକାଂଶ ରାସ୍ତା କାମ ନିମ୍ନମାନ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ ନିଷ୍କ୍ରିୟ ରହୁଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। କୋକସରାଠାରୁ ବେହେରା ରାସ୍ତା ୧୪.୫୮ କୋଟି ବ୍ୟୟରେ ହେଉଥିବା ବେଳେ ଅତିନିମ୍ନମାନ କାମ ଯୋଗୁ ଅନେକ ସ୍ଥାନରେ ପିଚୁ ଉଠିଯିବା, ରାସ୍ତା ଦବିଯିବା, କଂକ୍ରିଟ ରାସ୍ତା ଫାଟି ଯାଇଥିବା ଦେଖିବାକୁ ମିଳୁଛି। ବାଙ୍କୀମୁଣ୍ଡା ଗାଁ ଭିତରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଅଳ୍ପଦିନରେ ବଡ଼ବଡ଼ ଫାଟ ଦେଇଛି। କ୍ରଶରଗୁଣ୍ଡ ମିଶ୍ରିତ କଂକ୍ରିଟ ଗାଁ ଭିତରେ ଢଳାଇ ହେଉଥିବା ଯୋଗୁ ସାମାନ୍ୟ ଯାନବାହାନ ଚଳାଚଳରେ କଂକ୍ରିଟ ରାସ୍ତାର ଉପରସ୍ତର ଉଖୁଡି ଯାଇ ଆଖପାଖ ଘରରେ ଧୂଳିର




ରାସ୍ତାରୁ ପିଚୁ ଉଠିଯାଇଛି। କଂକ୍ରିଟ ରାସ୍ତାରେ ଫାଟ ସୃଷ୍ଟି ହୋଇଛି।

**କୋକସରା-ବେହେରା ରାସ୍ତା ନିର୍ମାଣରେ ଅନିୟମିତତା**

ଆସ୍ତରଣ ଜମାଟ ବାନ୍ଧୁଛି। ରାସ୍ତା କାମର ପିଚୁ କିମ୍ବା କଂକ୍ରିଟ ପକାଯିବା ସମୟରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ପୂର୍ତ୍ତ ବିଭାଗ ଏସଡିଓ ଓ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ଅଭିଯୋଗ ଥିବା ସ୍ଥାନଗୁଡିକର ରାସ୍ତା କାମ ପୁନର୍ବାର କରାଯିବାକୁ କହୁଥିବାବେଳେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ଆଖି ଦୃଶିଆ କାର୍ଯ୍ୟ ହୋଇ ପାରି ନାହିଁ। ପୂର୍ବବତ ଠିକା ସଂସ୍ଥା ଫେଙ୍କର ହୋଇ ନିମ୍ନମାନର କାମ କରି ଚାଲିଛନ୍ତି। ଫଳରେ ଉଭୟ ଠିକା ସଂସ୍ଥା ଓ ଅଧିକାରୀଙ୍କ ମଧ୍ୟରେ ଶଳାସୁତୁରା ସମ୍ପର୍କ ଥାଇ ଦୁର୍ନୀତିରେ ଲିପ୍ତ ଥିବା ଲୋକେ ସନ୍ଦେହ କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପ୍ରଶାନ୍ତ ତିୱାରୀ, ମନ୍ଧର ଭର୍ତିଆ, ମାନସିଂହ ଭରତିଆ, ଧର୍ମେନ୍ଦ୍ର ସୋନି, ଆଖଣ୍ଡଳମଣି ଭରତିଆ, ମୋହନ ତିୱାରୀ, ଧନପତି ପୂଝାରୀ ପ୍ରମୁଖ ଦାବି କରିଛନ୍ତି।

# ଯୁବ କଂଗ୍ରେସର ରୋଜଗାର ଦୋ ନ୍ୟାୟ ଦୋ ଅଭିଯାନ

ଭବାନୀପାଟଣା,୨୨।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଯୁବ କଂଗ୍ରେସ ପକ୍ଷରୁ ସୋମବାର ରୋଜଗାର ଦୋ ନ୍ୟାୟ ଦୋ ଅଭିଯାନ ଆରମ୍ଭ ହୋଇଛି। ମୋଦି ଓ ନବୀନ ସରକାର ଯୁବକମାନଙ୍କୁ ରୋଜଗାର ଦେବାର ବିଫଳତା ଓ ଯୁବକମାନଙ୍କ ଅଧିକାରୁ ବଞ୍ଚିତ ଥିବାରୁ ରାହୁଲ ଗାନ୍ଧୀଙ୍କ ଭାରତ ଜୋଡ ନ୍ୟାୟ ଯାତ୍ରା ରୋଜଗାର ଦୋ ନ୍ୟାୟ ଦୋ ଆହୱାନକୁ ନେଇ ଏହା ଅଭିଯାନ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲାରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ ଜିଲାର ସହରରୁ ପଲ୍ଲୀ ଯାଏ ଏହି ଅଭିଯାନ ଚାଲିବ। କାର୍ଯ୍ୟକ୍ରମରେ ଜିଲା ଯୁବ ସଭାପତି ସାହେବଙ୍କ ସହ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଭବାନୀପାଟଣା ୱାର୍ଡ ନଂ. ୧୮ର କାଉନସିଲର ସଚିନ ନାଏକ, ପିତ୍ର ଦୀପି, ମନୋଜ କରୁଆ, ଦମନ ନାୟକ, ବବୁ ଜୋସି, ଚୈତନ୍ୟ ପଟେଲ, ଆସିଷ ସୁନା, ଦେବଶିଷ କୁମାର, ସୌରଭ ବେହେର, ମହମ୍ମଦ ଇସଲାମ, ସରୋଜ ଗହିର, ରଘୁ ବାଗ, ମହେଶ ବାଗଙ୍କ ସମେତ ଅନେକ ଯୁବ କଂଗ୍ରେସ ସଦସ୍ୟ ଉପସ୍ଥିତ ଥିଲେ।




ଯୁବ କଂଗ୍ରେସର ରୋଜଗାର ଦୋ ନ୍ୟାୟ ଦୋ ଅଭିଯାନ ଉଦ୍‌ଘାଟନ କରାଯାଉଛି।

# ସତନାମୀ ସମାଜ ପକ୍ଷରୁ ଜୈତସ୍ତମ୍ଭରେ ଧ୍ୱଜାରୋହଣ, ସନ୍ଥ ସମାବେଶ



ଧ୍ୱଜା ରୋହଣ ଓ ସନ୍ଥ ସମାବେଶ।

କୋକସରା,୨୨।୧ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମରେ ସତନାମୀ ସମାଜ ପକ୍ଷରୁ ଗୁରୁ ଶ୍ରୀ ଶ୍ରୀ ଘାସିଦାସ ବାବାଙ୍କ ଜୈତ ସ୍ତମ୍ଭରେ ଧ୍ୱଜାରୋହଣ ଓ ସନ୍ଥ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ପୂର୍ବରୁ ସତନାମ ସମାଜ ପକ୍ଷରୁ ଏକ ବିରାଟ କଳସଯାତ୍ରା ବାହାରି ଗ୍ରାମ ପରିକ୍ରମା ସମୟରେ ସମାଜର ଯୁବକ ଯୁବତୀମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପରେ ଜୈତ ସ୍ତମ୍ଭରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଓ ମଙ୍ଗଳପନ୍ଥି ନୃତ୍ୟ, ଆଳତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଛତିଶଗଡ଼ ଗରିଆବନ୍ଧ ଜିଲା ସମାଜ ଅଧ୍ୟକ୍ଷ ହେମନ୍ତ ସାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ବିଜେଡି ଲିଗାଲ ସେଲ ଏଡ଼ଭାଇଜର ସଦସ୍ୟ ହରଜିନ୍ଦର ସିଂ, କୁଳପତି ସତନାମୀ ସମାଜ ଓଡିଶା କ୍ଷେତ୍ରମୋହନ ସତନାମୀ, ପ୍ରଦେଶ ଅଧ୍ୟକ୍ଷ ଓଡିଶା ଜ୍ୟୋତିଲାଲ ବଞ୍ଜାରେ, ଉପାଧ୍ୟକ୍ଷ ସତନାମୀ କଲ୍ୟାଣ ସମିତି ଓଡିଶା ସୁରେଶ ସତନାମୀ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଶିକ୍ଷାବିତ୍ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସତନାମୀ ସମାଜ ଏକ ସଙ୍ଗଠିତ ଓ ବିଚାରଧାରାର ସମାଜ କେବଳ ଓଡିଶା ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ସତନାମୀ ସମାଜ ଏକ ପ୍ରତିଷ୍ଠିତ ଓ ଶୃଙ୍ଖଳିତ ସମାଜ ବୋଲି ଅତିଥିମାନେ ମତ ରଖିଥିଲେ। ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ସଂଯୋଜନା ଶଙ୍କର ପ୍ରସାଦ ବଞ୍ଜାରେ କରିଥିବା ବେଳେ ପ୍ରଭାତ ରଞ୍ଜନ ସତନାମୀ ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ଜିଲା ତଥା ପଡୋଶୀ ଛତିଶଗଡ଼ ଅଞ୍ଚଳରୁ ଶତାଧିକ ସମାଜ କର୍ମକର୍ତ୍ତା ଯୋଗଦେଇଥିଲେ।

## ଆବର୍ଜନାରେ ତିଖାଲି ପର୍ଯ୍ୟଟନସ୍ଥଳୀ

ଖଡ଼ିଆଳ,୨୨।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହେଉଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି। ଏହାଠାରେ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ। କେବଳ ଆମ ରାଜ୍ୟର ପର୍ଯ୍ୟଟକ ନୁହନ୍ତି ପଡୋଶୀ ଛତିଶଗଡ, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ଲୋକେ ମଧ୍ୟ ଏଠାକୁ ବୁଲିବାକୁ ଆସୁଛନ୍ତି। ଏବେ ବୋଟିଂ ବ୍ୟବସ୍ଥା ହୋଇଥିବାରୁ ଲୋକେ ତିଖାଲି ଡ୍ୟାମ ଆସୁଛନ୍ତି ଏହାର ମଜା ନେବାକୁ। ଏଠାରେ ଥିବା ଶିବ ମନ୍ଦିର, ପାର୍କ, ଡ୍ୟାମ ଆଦି ବୁଲିବା ସହିତ ଲୋକେ ମସ୍ତି କରୁଛନ୍ତି। ଦୈନିକ ହଜାର ହଜାର ଲୋକ ଏଠାରେ ଭୋଜି କରିବା ପରେ ବଳକା ଖାଦ୍ୟ, ଖଳିଦନା, ଜରିଗ୍ଲାସ, ମଦ ବୋତଲ, ପଲିଥିନ ସବୁ ଫିଙ୍ଗି ଦେଇଛନ୍ତି। ଏସବୁ ପରିବେଶକୁ ଦୁର୍ଗନ୍ଧ କରି ଦେଉଛି। ଫଳରେ ବସିବା ପାଇଁ ସ୍ଥାନ ମିଳୁନି। ଏହାର ସଫା କରା ନ ଗଲେ ଲୋକେ ଏଠାରୁ ମୁହଁ ଫେରାଇନେବା ନିଶ୍ଚିତ। ଏଠାରେ ପାନୀୟ ଜଳ ସୁବିଧା ନ ଥିବା ବେଳେ ଶୌଚାଳୟର ବ୍ୟବସ୍ଥା ନାହିଁ। ଏପରିକି ରହିବା ପାଇଁ ପାନ୍ଥଶାଳାର ମଧ୍ୟ ସୁବିଧା ନାହିଁ। ଗାଡ଼ି ପାର୍କି ବ୍ୟବସ୍ଥା ନାହିଁ। ଏସବୁ ସୁବିଧା କଲେ ଲୋକଙ୍କ ଭିଡ଼ ବୃଦ୍ଧି ପାଆନ୍ତା ବୋଲି ପର୍ଯ୍ୟଟକମାନେ କହିଛନ୍ତି।

## ମହିଳା ଡିଗ୍ରୀ କଲେଜ ବାର୍ଷିକୋତ୍ସବ

ଖଡ଼ିଆଳ,୨୨।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ମହିଳା ଡିଗ୍ରୀ କଲେଜର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ସଞ୍ଜୟ ଶତପଥୀ ଯୋଗଦେଇ ମହିଳା ଶିକ୍ଷା ଏବଂ ମା’ର ପଣତକାନୀରେ ଅଜସ୍ର ଶକ୍ତି ଅଛି, ଯିଏକି ସମାଜ ସୁଧାରିବା ମୁଖ୍ୟ ବିନ୍ଧାଣି ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ପାଢୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ରୂପେ କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ଏବଂ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସିଣ୍ଡିକେଟ ସଦସ୍ୟ ଡ଼ ମେଜର ରାମ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। କଲେଜ ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ ଦେଇଥିବା ବେଳେ ମହେଶ୍ୱତା ପଣ୍ଡା ଧନ୍ୟବାଦ କରିଥିଲେ। ନୂଆପଡା ଜିଲାର ଏକମାତ୍ର ଏବଂ ପ୍ରଥମ ମହିଳା ଉଚ୍ଚ ଶିକ୍ଷା ଅନୁଷ୍ଠାନ ହୋଇଥିବାରୁ ଏହାକୁ ସରକାରୀ ମାନ୍ୟତା ପାଇଁ ଉପଯୁକ୍ତସ୍ତରରେ ଦାବି ଆହ୍ୱାନ କରିଛନ୍ତି। ପରେ ପଶ୍ଚିମ ଓଡ଼ିଶାର ପ୍ରଥମ ଦଳିତ ମହିଳା ନ୍ୟାୟିକ ସେବାରେ ଉର୍ତ୍ତୀର୍ଣ୍ଣ ହୋଇଥିବା ବୀଣାପାଣି ତାଣ୍ଡିଙ୍କୁ ସମ୍ମାନିତ କରାଯାଇଛି।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ

ଖଡ଼ିଆଳ,୨୨।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଏନ୍‌ଏସି ପକ୍ଷରୁ ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଏବଂ ରାମରଥ ସହର ପରିକ୍ରମା କରିଛି। ବିଶାଳ ଶୋଭାଯାତ୍ରାରେ ଅନେକ ସାଂସ୍କୃତିକ ଦଳ ସାମିଲ ହୋଇଥିବା ବେଳେ ଯୁବ ଗୋଷ୍ଠୀ, ମହିଳା ଏବଂ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଖଡ଼ିଆଳ ନଗର ପାଳ ଉଜ୍ଜଳ ଗୁପ୍ତା ଯୋଗଦେଇଥିବା ବେଳେ ସମସ୍ତ ୱାର୍ଡ ସଦସ୍ୟ, ସଦସ୍ୟା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଶିବ ମନ୍ଦିରଠରେ ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଗ୍ରାମର ବୟଜ୍ୟୋଷ୍ଠ ଘାସିରାମ ଚଳାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଦ୍ମନ ସିଂ ଚଳାନ, ମୁଖ୍ୟବକ୍ତା ଭାବେ ତୁମେଶ୍ୱର ଚଳାନ ଆସନ ଗ୍ରହଣ କରିଥିବା ବେଳେ ଗୋଇମୁଣ୍ଡି ଗଉନ୍ତିଆ ସୁଶୀଳ କୁମାର ଚଳାନ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ପୁରୁଷ କୀର୍ତ୍ତନ ଦଳ, ମହିଳା କୀର୍ତ୍ତନ ଦଳ, ଯୁବ ସ୍ୱେଚ୍ଛାସେବୀ ସମେତ ଏକ ହଜାରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତ ସମବେତ ହୋଇଥିବା ବେଳେ ମହେନ୍ଦ୍ର ଚଳାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

**ସିନାପାଲି,୨୨।୧(ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସବ ମୁଖର ହୋଇ ଉଠିଥିଲା। ଭୋରେ କାପସି ସମଲେଶ୍ୱରୀ ମନ୍ଦିରଠାରୁ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇଥିଲା। ଏହା ପରେ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନୂତନ ଶ୍ରୀରାମ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସୁସଜ୍ଜିତ ରଥରେ ଶ୍ରୀରାମ ବିଗ୍ରହ ସ୍ଥାପନ କରି ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରେ ୧୦ହଜାର ଦୀପ ଜଳାଇ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦୀପଯଜ୍ଞକୁ ଗାୟତ୍ରୀ ଶକ୍ତିପୀଠର ପରିଜନ ପରିଚାଳନା କରିଥିବା ବେଳେ ବୈଷ୍ଣବ ମେହେର ଓ ମିତା ମେହେର କର୍ତ୍ତା ରହିଥିଲେ। ସିନାପାଲିରେ ଆୟୋଜକ କମିଟି ସଭାପତି ପ୍ରିୟରଞ୍ଜନ ମେହେର, ଉପସଭାପତି ସୁରଜ ମେହେର, ଅମିତ ଜୈନ, ସମ୍ପାଦକ ପ୍ରବୀଣ ମେହେର, ପ୍ରଭାତ ମେହେର, କୋଷାଧ୍ୟକ୍ଷ ବିକାଶ ମେହେର ନେତୃତ୍ୱ ନେଇଥିବା ବେଳେ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଉଦନ୍ତୀ ଯୁଥ କ୍ଲବ, ହନୁମାନ କ୍ଲବ, ଭାଗବତ ତୁଙ୍ଗି, ବ୍ୟବସାୟୀ ସଂଘ ପ୍ରମୁଖ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ବେହେରା ଉତ୍ସବ ମୁଖର

ବେହେରା,୨୨।୧(ଭୂପେଶ ତିୱାରୀ)

ଶ୍ରୀରାମ ମନ୍ଦିର ଭବ୍ୟ ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାରେ ଭବ୍ୟ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଅଖିଳ ଭାରତୀୟ ମହିଳା ମାରୱାଡି ସଂଘ, ବେହେରା ଶାଖାର ମହିଳା ସମେତ ଦନ୍ତେଶ୍ୱରୀ ମହିଳା ସଂଘ ଓ ନାଏକ ପଡ଼ାର ମହିଳା ଭଜନ ମଣ୍ଡଳୀର ମହିଳାମାନେ ସାମିଲ ହୋଇଥିଲେ। ଶ୍ରୀରାମ ସୀତା ଲକ୍ଷଣ ବେଶରେ କୁନିକୁନି ଶିଶୁ ସଜେଇ ହୋଇ ଶୋଭାଯାତ୍ରା ଆକର୍ଷଣୀୟ କରିଥିଲେ। ଏହି ଅବସରରେ କର୍ତ୍ତା ରୂପରେ ରୋଷନ ଅଗ୍ରୱାଲ, ବନ୍ଦିତା ଅଗ୍ରୱାଲ ଓ ପୂଜକ ରୂପରେ ମୋହନ ତିୱାରୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବେହେରାରେ ନୂତନ ଭାବେ ଗଢ଼ି ଉଠିଥିବା ପଡ଼ାକୁ ମହାବୀର ପଡ଼ା ନାମରେ ନାମିତ କରାଯାଇଥିଲା।

# ଜୟ ଶ୍ରୀରାମ ନାରାରେ କମ୍ପିଲା ଅଞ୍ଚଳ

ଭବାନୀପାଟଣା,୨୨।୧ (ଉତ୍ତମ କୁମାର ଦାଶ)

ଅଯୋଧ୍ୟାରେ ମହାସମାରୋହରେ ସମ୍ପନ୍ନ ହୋଇଛି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅନୁଷ୍ଠାନ। ଏହାକୁ ନେଇ ଦେଶରେ ଉତ୍ସବ ମୁଖର ହୋଇଥିବାବେଳେ କଳାହାଣ୍ଡି ଜିଲାରେ ମଧ ରବିବାର ସନ୍ଧ୍ୟାଠାରୁ ଭକ୍ତିଭାବ ମୟ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ଜିଲାର ପଲ୍ଲୀରୁ ସହର ଯାଏଁ ଚାରିଆଡେ ହୋଇଥିଲା ଗେରୁଆ ମୟ। ଅନେକ ସଙ୍ଗଠନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଫେଟୋ ଚିତ୍ରକୁ ସୁସଜ୍ଜିତ ରଥରେ ବସାଇ ସହର ପରିକ୍ରମା କରାଯାଇଥିଲା। ଏଥିରେ ସମସ୍ତ ବର୍ଗର ଲୋକେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ନାରାରେ କମ୍ପି ଉଠିଥିଲା ଅଞ୍ଚଳ। ଏହି ଉପଲକ୍ଷେ ପ୍ରାୟ ସ୍ଥାନରେ ଅନ୍ନ ଭୋଗର ପ୍ରସାଦ ମଧ କରାଯାଇଥିଲା। ଜିଲାର ଭବାନୀପାଟଣା ସହର ସମେତ ଜୁନାଗଡ, ବଳଦିଆମାଳ, ନକଟିଗୁଡା, ଯମୁନାବାହାଲ, ଧର୍ମଗଡ, କଳମପୁର, ଜୟପାଟଣା, କୋକସରା, ଲଞ୍ଜୁଗାଁ, ଗୋଲାମୁଣ୍ଡା ଆଦି ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭଜନ ସନ୍ଧ୍ୟା ହୋଇଥିଲା।

**ରୁପ୍ରାରୋଡ୍, (ସଞ୍ଜୀବ ଦାସ):** ନର୍ଲା ବ୍ଲକ୍ ରୁପ୍ରାରୋଡ଼ ରାମ ମନ୍ଦିର କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ଓ ମହିଳା ରାମଭକ୍ତ ସାମିଲ ହୋଇଥିଲେ। ପୂଜକ ବିଷ୍ଣୁ ପ୍ରସାଦ ଶର୍ମାଙ୍କ ଉପସ୍ଥିତରେ ଶ୍ୟାମସୁନ୍ଦର ଶର୍ମା, ଗୋବିନ୍ଦରାମ ଅଗ୍ରୱାଲ, ଦିନରାଜ ଅଗ୍ରୱାଲ, ରତନଲାଲ ଅଗ୍ରୱାଲ, ପ୍ରଦୀପ କୁମାର ଅଗ୍ରୱାଲ, ବିଜୟ କୁମାର ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଦେବସରଧାମ ମନ୍ଦିରରେ ଭଜନ କୀର୍ତ୍ତନ ସହ ରାମଧୂନ ଗାନ କରାଯାଇଥିବା ବେଳେ ବରଗାଁ, ଲାଖଗୁଡା ଓ ବଳବସପୁର ଗ୍ରାମର ଭକ୍ତବୃନ୍ଦ ମଧ ନଗର ପରିକ୍ରମା କରିଥିଲେ।

**ରିଷିଡ଼ା, (ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ରିଷିଡା ରାମମନ୍ଦିରଠାରୁ ରାମରଥକୁ ବିରାଟ ଶୋଭାଯାତ୍ରାରେ ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ରିଷିଡା ରାମ ମନ୍ଦିର ପୂଜା କମିଟି ଓ ରିଷିଡା ଗ୍ରାମ୍ୟବାସୀ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ଭାବେ ପରିଚାଳନା କରିଥିଲେ।

**କେସିଙ୍ଗା, (ତୁମେଶ୍ୱର ସାହୁ):** କେସିଙ୍ଗା ବ୍ଲକ ବାଲସିଗ୍ରାମସ୍ଥିତ ଶ୍ରୀରାମ ପରିବାର ପକ୍ଷରୁ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ଭଜନ ସମାରୋହ, ହନୁମାନ ଚାଲିଶା ପାଠ, ହୋମ କରାଯାଇଥିଲା। ସେହିପରି କେସିଙ୍ଗା ସହର ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍ସବ ପାଳନ କରାଯାଇଥିଲା। ଶ୍ରୀରାମ ପରିବାର ବାଲସିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ।

**କର୍ଲାମୁଣ୍ଡା, (ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ ପ୍ରାୟ ସମସ୍ତ ଗାଁରେ ଧୁମଧାମରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକର ଢୁକେରମାଲ, ପୁଟୀଗାଁ, ରିଞ୍ଜା, ରେଙ୍ଗାଲି, ତେରେସିଙ୍ଗା, ଗଜବାହଲ, ଅବୁଜବାହାଲ, ବଡ଼ଢୁଙ୍ଗୁରିଗୁଡା, ସରଗୁଲ, ଜୋରାଡ଼ବରା, କୁଶୁର୍ଲା, ସାପଲହରା, କଣ୍ଡରେଇ, ବାଗବୁରେଇ ଟକାରୁମାଲ, ବିଜାପାଟି, ରେଗଡା, ଯୋଗିପଲା ଆଦି ସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। କିଛି ସ୍ଥାନରେ ଶ୍ରୀରାମ ଲକ୍ଷ୍ମଣ, ସୀତା, ହନୁମାନଙ୍କ ବେଶରେ ଭକ୍ତମାନେ ସଜ୍ଜିତ ହୋଇ ଗାଁ ପରିକ୍ରମା କରୁଥିବା ଜଣାପଡିଛି।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡଠାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ହଜାର ହଜାର ଭକ୍ତଙ୍କ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବଜରଙ୍ଗ ସେନା, ଯୁବଗୋଷ୍ଠି ଓ ଲାଞ୍ଜିଗଡ ଅଞ୍ଚଳର ଶ୍ରୀରାମ ଭକ୍ତବୃନ୍ଦ ଯୋଗଦେଇ ରାଜାପଡାସ୍ଥିତ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀରାମଙ୍କ ସୁସଜିତ ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀ ବୃନ୍ଦଙ୍କ ସହ ସହର ପ୍ରେତ୍ୟେକ ପଡା ପରିଭ୍ରମଣ କରିଥିଲେ। ଜୟ ଶ୍ରୀରାମ ନାରାରେ ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ଲାଞ୍ଜିଗଡ ଅଞ୍ଚଳରେ ବର୍ଣ୍ଣାଢ୍ୟ ପରିବେଶ ସୃଷ୍ଟି ହେଇଥିଲା। ଲାଞ୍ଜିଗଡ ରାଜା ଉଆସରେ ଥିବା ଗୋପୀନାଥ ମନ୍ଦିର ପ୍ରାଙ୍ଗଣକୁ ଫେରିବା ପରେ ସେଠାରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।




ଜଣେ କୁନି ପୁଅ ଶ୍ରୀରାମ ବେଶ ହୋଇଛନ୍ତି। କର୍ଲାମୁଣ୍ଡା ବ୍ଲକ ବିଜାପାଟିରେ ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗାଁ ପରିକ୍ରମା କରୁଛନ୍ତି।




ଭବାନୀପାଟଣା ସହରରେ ଆୟୋଜିତ ଶୋଭାଯାତ୍ରା।

## ସଂକ୍ଷେପରେ

### ଅନ୍ୟା ଦାସ ସୁବର୍ଣ୍ଣପୁର ଜିଲାପାଳ



ସୋନପୁର,୨୨।୧(ମୃତ୍ୟୁଞ୍ଜୟ ଶତପଥୀ) ରାଜ୍ୟ ସରକାର ସୋମବାର ଆଇଏଏସ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି । ଏହି କ୍ରମରେ ଅନ୍ୟା ଦାସଙ୍କୁ ସୁବର୍ଣ୍ଣପୁରର ନୂତନ ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଅନ୍ୟା ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଆଇଏଏସ ଅଫିସର। ସେ ନବରଙ୍ଗପୁର ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ସିଇଓ ଜିଲା ପରିଷଦ ଭାବେ କାର୍ଯ୍ୟରତ ଥିଲେ । ସେହିପରି ସୁବର୍ଣ୍ଣପୁରରେ ଜିଲାପାଳ ଥିବା ବିମଳେନ୍ଦୁ ରାୟଙ୍କୁ ଇପିଏମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ରାୟ ଜୁନ୍ ୪ ତାରିଖରେ ସୁବର୍ଣ୍ଣପୁର ଜିଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଆଉ ୧୧ମାସ ପରେ ସେ ଚାକିରିରୁ ଅବସର ନେଇଥାଆନ୍ତେ। ରାୟ ଜିଲାପାଳ ଦାୟିତ୍ୱରେ ରହିବେ ବୋଲି ଆଶା କରା ଯାଉଥିଲା। ତେବେ ନିର୍ବାଚନ ପୂର୍ବରୁ ସରକାର ତାଙ୍କୁ ବଦଳି କରିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

ବାଉଁଶୁଣୀ,୨୨।୧(ଦେବାଶିଷ ନେପାକ)

ସୋମବାର ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବାଉଁଶୁଣୀ ଛକ ଡେର୍ଲି ମାର୍କେଟ ନିକଟରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ଛକର ଜନସାଧାରଣ ନାମଯଜ୍ଞ ଆୟୋଜନ କରିଥିଲେ। ରବିବାର ଦିନ ଶ୍ରଦ୍ଧାଳୁମାନେ ଜଗନ୍ନାଥ ମନ୍ଦିରରୁ ବାହାରି ବାଘନଦୀରୁ କଳସୀରେ ଜଳ ଆଣି ପୂଜା ମଣ୍ଡପଠାରେ ସ୍ଥାପନା କରିଥିଲେ । ସୋମବାର ସକାଳ ୯ ଟା ସମୟରେ ଅଷ୍ଟପ୍ରହରୀ ନାମଯଜ୍ଞ ହୋଇଥିଲା। ନାମଯଜ୍ଞରେ କର୍ତ୍ତା ଭାବରେ ବଳରାମ ମେହେର ଓ ତାଙ୍କ ସ୍ତ୍ରୀ କୌଶଲ୍ୟା ଥିବା ବେଳେ ପୂଜକ ଭାବେ ଗୋବର୍ଦ୍ଧନ ଦାସ,ସଚ୍ଚିନ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ : ଜଣେ ମୃତ

ବୌଦ୍ଧ,୨୨।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅଧୀନ ଚାରିଛକ ନିକଟସ୍ଥ କଂହର ସାହିଠାରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ପିତାମ୍ବରପୁର ପଞ୍ଚାୟତ ଅନ୍ତର୍ଗତ ବଲଣ୍ଡା ଗ୍ରାମର ଟୁକୁନ ସେଠୀ ସୁଦୃକୁମା ଠାରେ ଏକ ବାଇକ୍ ଗ୍ୟାରେଜ ଦେଇଛନ୍ତି। ସନ୍ଧ୍ୟାରେ ସେ ନିଜ ଦୋକାନ ବନ୍ଦ କରି ଏକ ବାଇକ୍ (ନଂ ଓ ୨୮ ୬୩୫) ଯୋଗେ ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ବାଇକ୍‌ଟି ଗଛ ସହ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଚାରିଛକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକଙ୍କୁ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଟୁକୁନଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

### ୧୨କେଜି ଗଞ୍ଜେଇ ସହ ବାଇକ୍ ଜବତ : ଦୁଇ ଗିରଫ

ଘଣ୍ଟାପଡ଼ା,୨୨।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗଞ୍ଜେଇ ସହ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବରଗାଁ ଗ୍ରାମ ପଞ୍ଚାୟତ ଡୁମାଲପଖାଲ ଗାଁ ଛକ ନିକଟରେ ଚଢାଉ କରିଥିଲେ । ଚଢାଉ ବେଳେ ଗଞ୍ଜେଇ ସହ ବାଇକ୍ (ନଂ.ଓଡି ୩୧ଏଚ ୪୪୩୩)ଜବତ ହୋଇଥିଲା । ଜବତ ଗଞ୍ଜେଇର ପରିମାଣ ୧୨କେଜି । ଗିରଫ ଦୁଇ ଅଭିଯୁକ୍ତ ହେଲେ କୈଳାସ ବେହେରା (୨୬) ଓ ମଣ୍ଟୁ ସାହୁ(୨୮) । ଉଭୟ କଣ୍ଟାମାଳ ଥାନା ଅଧୀନ କମଘାଟ ଗ୍ରାମର ବୋଲି ସୂଚନା ମିଳିଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ନଂ୧୬୪/୨୪ରେ ଏକ ମାମଲା ରୁଜୁ ହୋଇଛି । ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା କଣ୍ଟାମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

# ଟ୍ରକ ଓଲଟି ୧୪ ଗୋରୁ ମୃତ

- ଗୋ ଚାଲାଣ ପାଇଁ ଅଭିନବ ଉପାୟ
- ଉପରେ ଗାଜର ଟମାଟୋ, ତଳେ ଗୋରୁ
- ପ୍ରାଣୀ ଚିକିତ୍ସକଙ୍କ ସାମୂହିକ ଛୁଟି ଯୋଗୁ ଚିକିତ୍ସାରେ ବାଧା

ସୋନପୁର,୨୨।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ବିଶିମୁଣ୍ଡା ଗାଁ ନିକଟରେ ସୋମବାର ଭୋର ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱରେ ଓଲଟି ପଡିବା ଯୋଗୁ ଟ୍ରକ୍ ତଳେ ଚାପି ହୋଇ ୧୪ ଗୋରୁଙ୍କ ମୃତ୍ୟୁ ଘଟିଛି ଓ ବହୁ ଗୋରୁ ଆହତ ହୋଇଛନ୍ତି । ତେବେ ଲୋକଙ୍କ ନଜର ହଟାଇବା ପାଇଁ ବ୍ୟବସାୟୀମାନେ ତଳେ ଗୋରୁ ରଖିଥିଲା ବେଳେ ଟ୍ରକ୍‌ର ଉପରେ ସ୍ୱତନ୍ତ୍ର ଭାବେ ନିର୍ମିତ ଥାକରେ ଗାଜର ଓ ଟମାଟୋ ରଖା ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।



ଟ୍ରକ୍ ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ଗୋରୁ ।

ପ୍ରକାଶ ଯେ, ପ୍ରାୟ ୪୦ଟି ଗୋରୁଙ୍କୁ ନେଇ ଏକ ୧୬ ଚକିଆ ଟ୍ରକ୍ (ନଂ ଜେଏଚ୦୫ଏ-୨୯୩୨) ବୁର୍ଡା-ଅର୍ଜୁନପୁର ରାସ୍ତାରେ ବଲାଙ୍ଗୀର ଜିଲା ପଟୁ ସୋନପୁର ଅଭିମୁଖେ ଆସୁଥିଲା। ଡ୍ରାଇଭର ଭାରସାମ୍ୟ ହରାଇ ବସିବାରୁ ବୁଲାଣି ରାସ୍ତାରେ ଉକ୍ତ ଟ୍ରକ୍‌ଟି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ପରେ ଭୟରେ ଡ୍ରାଇଭର ଓ ହେଲପର ଫେରାର ହୋଇ ଯାଇଥିଲେ। ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ଏହା ଦେଖି ଗ୍ରାମବାସୀ ଓ ପୋଲିସକୁ ଖବର ଦେଇଥିଲେ। ଟ୍ରକ୍ ତଳେ ଚାପି ହୋଇଥିବା ଗୋରୁକୁ ଲୋକେ ଉଦ୍ଧାର କରିଥିଲେ। ତେବେ ୧୫ରୁ ଉର୍ଦ୍ଧ୍ୱ ଗୋରୁ ନିକଟସ୍ଥ ଜଙ୍ଗଲକୁ ପଳାଇବାରୁ ସ୍ଥାନୀୟ ଲୋକେ ନେଇ ଯାଇଥିଲେ। ଅନ୍ୟପକ୍ଷେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଏବେ ସାମୁହିକ ଛୁଟିରେ ଥିବାରୁ ଆହତ ଗୋରୁଙ୍କୁ ଚିକିତ୍ସା କରିବା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ଉମେଶ ଚନ୍ଦ୍ର ବେହେରା କେତେଜଣ ପ୍ରାଣୀଧନ ନିରୀକ୍ଷକଙ୍କୁ ନେଇ ଆହତ ଗୋରୁଗୁଡିକର ଚିକିତ୍ସା କରିଥିଲେ। ପରେ ମୃତ ଗୋରଗୁଡିକୁ ଗାତ ଖୋଳି ପୋତି ଦିଆଯାଇଥିଲା। ସେହିପରି ଆହତ ୫ ଗୋରୁଙ୍କୁ ଗୋଶାଳାରେ ରଖାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ସୋନପୁର ଥାନାରେ ନଂ୩୦/୨୪ରେ ଏକ ମାମଲା ରୁଜୁ ହୋଇଛି । ଗୋରୁ ବ୍ୟବସାୟୀମାନେ ବଲାଙ୍ଗୀର ଜିଲାର କୌଣସି ହାଟରୁ ଗୋରୁ କିଣି ଭଦ୍ରକ ଅଭିମୁଖେ ନେଉଥିଲେ ବୋଲି ସୂଚନା ମିଳିଛି। ଏହି ରାସ୍ତାରେ ପ୍ରତ୍ୟହ ସୋମବାର ବେଆଇନ ଭାବେ ଗୋରୁ ଚାଲାଣ ହେଉଛି । ତେବେ ପୋଲିସ ଟିମ୍ ଗୋରୁ ବୋଝେଇ ଟ୍ରକ୍‌କୁ ଧରିବାରେ ବିଫଳ ହେଉଥିବା ସାଧାରଣରେ ଆଲୋଚନା ହେଉଛି।

# ୬ ଅଭିଯୁକ୍ତ କୋର୍ଟଚାଲାଣ

ତରଭା,୨୨।୧(ମାନଭଞ୍ଜନ ମିଶ୍ର)

## କ୍ରିକେଟ ବ୍ୟାଟ୍‌ରେ ପିଟି ଯୁବକଙ୍କୁ ହତ୍ୟା ଘଟଣା

ସୁବର୍ଣ୍ଣପୁର ଜିଲା ତରଭା ଥାନା ମେଣ୍ଡା ଗାଁରେ ପୂର୍ବ ଶତ୍ରୁତାକୁ ନେଇ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୁଖ୍ୟ ଆସାମୀ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ତରଭା ଥାନା ମେଣ୍ଡା ଗାଁର ସନ୍ତୋଷ ହାତୀ(୪୦) ଓ ମୁଖ୍ୟ ଅଭିଯୁକ୍ତ ରାଜେଶ ରଣାଙ୍କ ମଧ୍ୟରେ କୌଣସି କାରଣ ନେଇ ପୂର୍ବରୁ ଶତ୍ରୁତା ଥିଲା । ଘଟଣା ଦିନ ସନ୍ତୋଷ ଗ୍ରାମର ଖାଡିବନ୍ଧକୁ ଗାଧୋଇବାକୁ ଯାଉଥିବା ବେଳେ ସେଠାରେ ରଣାପଡାର ରାଜେଶ ଓ ଅନ୍ୟମାନଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜେଶ ଏକ କ୍ରିକେଟ ବ୍ୟାଟ୍‌ରେ ସନ୍ତୋଷଙ୍କ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତରଭା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିବା ସହ ରଣାପଡାର ୬ଜଣଙ୍କୁ ଥାନାରେ ଅଟକ ରଖିଥିଲା । ପରେ ପୋଲିସ ଅଟକ ରାଜେଶ ରଣା, ଶିବ ରଣା, ପ୍ରଦିପ ରଣା, ଯୁଗେଶ୍ୱର ରଣା, ଯୋଗେନ୍ଦ୍ର ରଣା ଓ ବୃଷଭ ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିଲା ଓ ଲୋକେ ଉତ୍ତ୍ୟକ୍ତ ହୋଇ ମେଣ୍ଡା ଫାଣ୍ଡିକୁ ଘେରାଉ କରିଥିଲେ। ଏବେ ବି ସେଠାରେ ଉତ୍ତେଜନା ଲାଗି ରହିଥିବାରୁ ଏକ ପ୍ଲାଟୁନ ଫୋର୍ସ ମୃତୟନ ରହିଛି। ସନ୍ତୋଷଙ୍କ ଅନ୍ତିମ ସତ୍କାର ହୋଇଥିବା ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ଠାରୁ ପ୍ରକାଶ ।

# ଗାଁରୁ ସହର ରାମଧ୍ୱନିରେ ଗୁଞ୍ଜରିତ



ତରଭାରେ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରା ।

ତରଭା,୨୨।୧(ମାନଭଞ୍ଜନ ମିଶ୍ର)

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ବିଶ୍ୱ ସାରା ରାମ ନାମ ଗୁଞ୍ଜରିତ ହୋଇଉଠିଛି । ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲାର ତରଭା ସହର ସମେତ ସମସ୍ତ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା । ତରଭା ସହରରେ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା । ଶ୍ରଦ୍ଧାଳୁମାନେ ଘର ଦାଣ୍ଡ ସମ୍ମୁଖରେ ଝୋଟି ଚିତା ପକାଇ ଫୁଲ, ଦୀପ ବାଣ ଫୁଟାଇ କଳସ ସ୍ଥାପନ କରି ରାମରଥକୁ ପୂଜା ଅର୍ଚ୍ଚନା କରିଥିଲେ଼ ସେହିପରି ତରଭାସ୍ଥିତ ଜଗନ୍ନାଥ ମନ୍ଦିର ଏବଂ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଶୋଭାଯାତ୍ରାରେ ମାଙ୍ଗେଲାଲ ଅଗ୍ରୱାଲ, ରାମନାରାୟଣ ବେଜ, ସୁରେଶ ମହଲା, ମାନସ ସାହୁ, ପ୍ରବିର ସାହୁ, ରାଜୁ ଶର୍ମାଙ୍କ ସମେତ ବିଶ୍ୱହିନ୍ଦୁ ପରିଷଦ ସଦସ୍ୟ ଓ ରାମଭକ୍ତ ଶୋଭାଯାତ୍ରାରେ ଭାଗ ନେଇଥିଲେ । ଗାଁ ଗଣ୍ଡାରେ ବେଶ ଉତ୍ସାହ ଦେଖାଦେଇଥିଲା଼ ସରଗଜ ଗ୍ରାମରେ ଏକ ହଜାର ଆଠ ପ୍ରଦିପ ପ୍ରଜ୍ୱଳନ ହେବା ସହ ତୁଳସୀ ରାମାୟଣ ପାଠ କରାଯାଇଥିଲା । ସେହିପରି ନକଟିକେନା, ଡୁଲୁଣ୍ଡା, କମସରା, ବଡଜୋର, ଭୁରାଡ, ଚାରଭଟା, ବାଲଖମାର, ପୁଆ, ରାଣିସର୍ଡା, ନୂଆପାଲି ପ୍ରଭୃତି ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

### ଜୟ ଶ୍ରୀରାମ ଧ୍ୱନିରେ ଗାଁ ଦାଣ୍ଡ କମ୍ପିଲା

ଘଣ୍ଟାପଡ଼ା,୨୨।୧(ପ୍ରଭାତ କୁମାର ସାହୁ)

ଅଯୋଧାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ସମସ୍ତ ଗ୍ରାମ ଉତ୍ସବମୁଖର ହୋଇଉଠିଛି । ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ମର୍ଯ୍ୟାଦା ପୁରୁଷ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଗାଁର ସମସ୍ତ ପରିବାରଙ୍କ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସହ ଦୀପ ପ୍ରଜ୍ୱଳନ ହୋଇଥିବା ଦେଖିବାକୁ ମିଳିଥିଲା। କଣ୍ଟାମାଳର ବନ୍ଧପାଲିସ୍ଥିତ ଶ୍ରୀରାମ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜୟ ଶ୍ରୀରାମ ଧ୍ୱନିରେ ଗାଁ ଦାଣ୍ଡ କମ୍ପି ଉଠିଥିଲା । ଗାଁ ଗାଁରେ ଉତ୍ସବ ମାହୋଲ ଦେଖାଯାଇଥିଲା ।

# ହନୁମାନ ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ



ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁ ।

ଡୁଙ୍ଗୁରିପାଲି,୨୨।୧(ଦୀନବନ୍ଧୁ ସୁନା)

ଅଯୋଧାସ୍ଥିତ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ଗ୍ରାମସ୍ଥିତ ହନୁମାନ ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗାଁର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ମନ୍ଦିରରେ ପହଞ୍ଚି ଥିଲେ । ଜୟ ଶ୍ରୀରାମ ଧ୍ୱନିରେ ଚାରିଆଡ ପ୍ରକମ୍ପିତ ହୋଇଥିଲା । ମନ୍ଦିରରେ ଅଙ୍କିତା ମେହେରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା । ସନ୍ଧ୍ୟାରେ ଯାମପାଲି ଓ ଚୁଲିମାଲର ମହିଳା କୀର୍ତ୍ତନ ବୈଠକୀ ଅନୁଷ୍ଠିତ ହୋଇଥିଲା । ହନୁମାନ ମନ୍ଦିରର ପୂଜକ ପଙ୍କଜ ମେହେର ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଶ୍ରଦ୍ଧାଳୁମାନେ ଘର ଆଗରେ କଳସ ବସାଇ ପୂଜା କରିବା ସହ ଦୀପଦାନ କରିଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ମନ୍ଦିର ସଦସ୍ୟ, ଗ୍ରାମବାସୀ, ସଂକ୍ରାନ୍ତି ମହିଳା ଦଳ ସହଯୋଗ କରିଥିଲେ।

# ହରଭଙ୍ଗା ମହୋତ୍ସବ ଶୁଭଖୁଣ୍ଟି ସ୍ଥାପନ

ବୌଦ୍ଧ,୨୨।୧( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ହରଭଙ୍ଗାଠାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ହରଭଙ୍ଗା ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି । ସୋମବାର ଦିନ ଜଙ୍ଗଲ ପରିବେଶ,ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ମହୋତ୍ସବ ପଡିଆରେ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଏହି ମହୋତ୍ସବ ଆସନ୍ତା ୨୭ ତାରିଖଠାରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବ। ଶୁଭଖୁଣ୍ଟି ସ୍ଥାପନ ସମୟରେ ହରଭଙ୍ଗା ସରପଞ୍ଚ ଶକ୍ତୁନ୍ତଳା ବେହେରା, ମହୋତ୍ସବ କମିଟି ସଭାପତି ସୁବୋଧ କୁମାର ପ୍ରଧାନ, ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ସମିତିସଭ୍ୟ ଚିତ୍ତରଞ୍ଜନ ସେଠୀଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ ।

# ଅର୍ଜୁନପୁରକୁ ହରାଇ ବାଲିଖମାର ଚାମ୍ପିୟନ

ଘଣ୍ଟାପଡ଼ା,୨୨।୧(ପ୍ରଭାତ କୁମାର ସାହୁ)

## ସମଲେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଏସଏସ ଇଲେଭେନ ଷ୍ଟାର ଦ୍ୱାରା ଆୟୋଜିତ ଦଶମ ମା’ ସମଲେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅର୍ଜୁନପୁରକୁ ୧-୦ ଗୋଲରେ ହରାଇ ବାଲିଖମାର ଦଳ ଚାମ୍ପିୟନ ହୋଇଛି। ମ୍ୟାଚରେ ଉଭୟ ପକ୍ଷର ଆକର୍ଷଣୀୟ ଖେଳ ଜାରି ରହିଥିଲା। କିନ୍ତୁ ଶେଷ ୨ ମିନିଟ ପୂର୍ବରୁ ବାଲିଖମାର ଏକ ଗୋଲ ସ୍କୋର କରି ବିଜୟୀ ହୋଇଥିଲ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରଣା, ସମ୍ମାନିତ ଅତିଥି ଭାବେ ଘଣ୍ଟାପଡ଼ା ନଂ ୧ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଜମିଦାର ବସନ୍ତ ମାଝୀ, ଶିକ୍ଷାବିତ ସୁଶାନ୍ତ ମାଝୀ, ଏସଆଇ ବିଶାମିତ୍ର ଲୋଇ, ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି, ସାମାଜିକ କର୍ମୀ ବିଶ୍ୱାମିତ୍ର ମାଝୀ, ସୂର୍ଯ୍ୟନାରାୟଣ ସାହୁ, ଅନନ୍ତରାମ ମାଝୀ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳ ଓ ଉପ-ବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ବିଜୟୀ ଦଳର ରାଜାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ବୀରବାହୁ ମାଝୀ, ସୁବଳ ନାଏକ, ବଡ଼ ସାନ ସେଠୀ ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ଅଶୋକ ସାହୁ, ଅଗସ୍ତି ମଲିକ ଓ ଦେବେନ୍ଦ୍ରନାଥ ରଣା ପ୍ରଦାନ କରିଥିଲେ। ଏସଏସ ଇଲେଭେନ ଷ୍ଟାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରୋଶନ ଓ ସ୍ୱସ୍ତିକ ଯୋଡ଼ି ଚାମ୍ପିୟନ

ତରଭା,୨୨।୧(ମାନଭଞ୍ଜନ ମିଶ୍ର)

## ଆଲୋକ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ଖେଳାଳି ସ୍ୱର୍ଗତ ଆଲୋକ କୁମାର ସାହୁଙ୍କ ସ୍ମୃତିରେ ଚାଲିଥିବା ନବମ ଆଲୋକ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବଲାଙ୍ଗୀରର ରୋଶନ ଓ ସ୍ୱସ୍ତିକଙ୍କ ଯୋଡ଼ି ତରଭାର ହରି ଓ ଦିନେଶଙ୍କ ଯୋଡ଼ିକୁ ୨୧-୧୦ ଓ ୨୧-୧୯ ସେଟରେ ପରାସ୍ତ କରି ୨୦୨୪ର ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଫାୟାର ଅଫିସର ଅନିଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ବଲାଙ୍ଗୀର ଯୋଡ଼ିଙ୍କୁ ନଗଦ ୮ ହଜାର ସହ ଟ୍ରଫି ଓ ଉପବିଜେତା ତରଭା ଯୋଡ଼ିଙ୍କୁ ନଗଦ ୫ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ସୁନିଲ କୁମାର ଝାଝରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ପ୍ରାରମ୍ଭରେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପ ନଗରପାଳ ଗଗନ ଅଗ୍ରୱାଲ, ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର, ପ୍ରଯୋଜକ ଆକାଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୪୫ଟି ଦଳ ଯୋଗ ଦେଇଥିଲେ। ନକ୍‌ଆଉଟ ବେସିସରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପ୍ରବୀଣ ପଣ୍ଡା, ସୁଦିପ ମହାଣା, ସଂଜୀବ ସାହୁ ପରିଚାଳନା କରିଥିବା ବେଳେ ପରେଶ ମେହେର, ସୁରେନ୍ଦ୍ର ମେହେର, ରାଜେନ୍ଦ୍ର ଅଧିକାରୀ, ମନିଷଦେବ ସାହୁ ,ସୋନୁ ମେହେର, ହିରଣ୍ମୟ ପଟ୍ଟନାୟକଙ୍କ,ଅମିତ କୁମାର ଅଗ୍ରୱାଲ,ଅଭିଷେକ କୁମାର ଅଗ୍ରୱାଲ, ଶୁଭମ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ।

# ବୌଦ୍ଧ ସହର ପାଲଟିଲା ରାମମୟ

- ଗେରୁଆ ରଙ୍ଗରେ ଚାରିଆଡ ରଙ୍ଗିନ
- ଗାଁଠୁ ସହର ଯାଏ ଉତ୍ସବର ମାହୋଲ

ବୌଦ୍ଧ/ବଘିଆପଡା,୨୨।୧
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)

ସୋମବାର ଦିନ ଅଯୋଧ୍ୟା ରାମମନ୍ଦିରରେ ବିଧିବିଧାନ ସହ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଛି । ଏହି ଅବସରରେ ବୌଦ୍ଧ ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ପୁରା ବୌଦ୍ଧ ଜିଲା ରାମମୟ ହୋଇପଡିଛି । ସହର ଗେରୁଆ ରଙ୍ଗରେ ରଙ୍ଗୀନ ହୋଇପଡିଛି । ସମସ୍ତଙ୍କ ଘର, ହାତରେ, ଯାନବାହାନ ଉପରେ ହିନ୍ଦୁମାନଙ୍କ ଆସ୍ଥାର ପ୍ରତୀକ ଗୈରିକ ପତାକା ଦେଖିବାକୁ ମିଳିଛି। ବୌଦ୍ଧ ସହର କେନ୍ଦ୍ରସ୍ଥଳରେ ଅବସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିରରେ ପ୍ରତ୍ୟୁଷରୁ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ରାମଲୀଳା ନାଟ୍ୟ ସଂସଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରାହ୍ମଣମାନଙ୍କ ଦ୍ୱାରା ୧୦୦୮ ଆହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିନ ତମାମ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀରାମ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଦୁଇ ହଜାର ଦୀପଦାନ କରାଯାଇଥିଲା। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା। ବଜରଙ୍ଗ ଦଳର ସକ୍ରିୟ ଯୁବ କାର୍ଯ୍ୟକର୍ତ୍ତାମାନେ ରାତି ତମାମ ସହରର ବିଭିନ୍ନ ଛକରେ ସାଜସଜ୍ଜା କରିଥିଲେ । ପ୍ରତ୍ୟେକ ଛକରେ ଶ୍ରୀରାମଙ୍କ ଫଟୋଚିତ୍ର ସହିତ ରାସ୍ତାଗୁଡିକୁ ଚିତ୍ରିତ କରାଯାଇଛି । ସହର କେନ୍ଦ୍ରସ୍ଥଳରେ ଥିବା ବାଘଗୁଡା ଛକକୁ ଆକର୍ଷଣୀୟ ଭାବରେ ସଜ୍ଜିତ କରାଯାଇ ଦୀପଦାନ କରାଯାଇଛି।



ବୌଦ୍ଧ ସହରର ଏନଏସି ଛକଠାରେ ରାମଙ୍କ ଫଟୋ ।

ସେହିପରି ଶ୍ରୀରାମଙ୍କ ଆଗମନରେ ଚନ୍ଦ୍ରଚୂଡ ମନ୍ଦିରଠାରେ ବଜରଙ୍ଗ ଦଳ ଓ ବ୍ରାହ୍ମଣ ସମାଜ ପକ୍ଷରୁ ପୂଜାର୍ଚ୍ଚନା ଓ ଦିବ୍ୟ ମହାନଦୀ ଆଳତି କରାଯାଇଥିଲା। ଏହାଛଡା ଶ୍ରୀଜଗନ୍ନାଥ ମନ୍ଦିର, ହରିଗୁଡି ମନ୍ଦିର, ମଦନମୋହନ ମନ୍ଦିର, ଗାୟତ୍ରୀ ମନ୍ଦିର, ଭୈରବୀ ମନ୍ଦିର, ହନୁମାନ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ସହରର ପ୍ରତ୍ୟେକ ଘର ସମ୍ମୁଖରେ ଶ୍ରୀରାମ ଲାଲାଙ୍କ ଆଗମନକୁ ସ୍ୱାଗତ ଜଣାଇ ଦୀପଦାନ କରାଯିବା ଦେଖିବାକୁ ମିଳିଥିଲା । ଫଳରେ ପୁରା ସହର ଅଦିନରେ ଦୀପାବଳୀର ଅନୁଭବ ସୃଷ୍ଟି କରିଥିଲା। କେବଳ ସହର ନୁହେଁ, ଜିଲାର ପ୍ରତ୍ୟେକ ଗ୍ରାମରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଥିଲା। ପୁରାତନ ରଘୁନାଥ ଜୀଉ ପୀଠ ଦେବଗଡ ଗ୍ରାମରେ ଶ୍ରଦ୍ଧାଳୁମାନେ ଦିନ ତମାମ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ।

ସେହିପରି ହରଭଙ୍ଗା ବ୍ଲକରେ ପୁରା ଧୁମଧାମରେ ରାମଲାଲାଙ୍କ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି । ପୁରୁଣାକଟକଠାରେ ଥିବା ହନୁମାନ ମନ୍ଦିରଠାରେ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା । ସହରରେ ଏକ ସୁସଜ୍ଜିତ ରଥ ପରିକ୍ରମା କରିଥିଲା । ସନ୍ଧ୍ୟାରେ ମନ୍ଦିରରେ ୧୦୮ ଦୀପଦାନ କରାଯାଇଥିଲା । ସେହିପରି ଚାରିଛକ ବଜାରକୁ ପୁରା ଗେରୁଆ ରଙ୍ଗରେ ସଜା ଯାଇଥିବା ବେଳେ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା । ସେହିପରି ବଘିଆପଡା ବ୍ରାହ୍ମଣପାଲିଠାରେ ଥିବା ଶ୍ରୀରାମ ମନ୍ଦିରରେ ନାମଯଜ୍ଞ ଧୁମଧାମରେ ପାଳିତ ହୋଇଛି।



ବୌଦ୍ଧ ସହରର ରଘୁନାଥ ମନ୍ଦିରରେ ଦୀପଦାନ।



ସୁନ୍ଦରଗଡ଼ର ଏକ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।



ବଡ଼ଗାଁରେ ରାମବେଶରେ କୁନି ପିଲା।



ଲହୁଣିପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ରାମ, ଲକ୍ଷ୍ମଣ ଓ ସୀତାବେଶ।

## ଲକ୍ଷେ ଦୀପ ଜାଳି ଉତ୍ସବ ପାଳିଲେ ବ୍ରଜରାଜନଗରବାସୀ



ବ୍ରଜରାଜନଗରରେ ଦୀପ ପ୍ରଜ୍ୱଳନ କରାଯାଉଛି।

**ବ୍ରଜରାଜନଗର, ୨୨।୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ସମେତ ରାଜପୁର ଲୋଇନସିଂ ଚାନ୍ଦିନୀମାଲ ଓ କୁଦପାଲି ପଞ୍ଚାୟତର ବିଭିନ୍ନ ମନ୍ଦିରରେ ଏକ ଲକ୍ଷରୁ ଅଧିକ ଦୀପ ଜଳାଯାଇ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଥିଲା। ସକାଳ ସମୟରେ ତେଲେଙ୍ଗପାଲି ରାମମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଓପିଏମ୍ ଶିବମନ୍ଦିରରେ ଶିବ ମନ୍ଦିର ସେବାସମିତି ଦ୍ୱାରା ୨୧ହଜାର ଦୀପ ଦାନ, ଗୋପବନ୍ଧୁ ଛକ ଦୁର୍ଗା ମଣ୍ଡପଠାରେ ଯୁବ ନେତା ଜୟନ୍ତ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ୧୧ହଜାର ଦୀପ ଦାନ ସହ ଭଜନ କୀର୍ତ୍ତନ କରାଯାଇଥିଲା। ତା' ସହିତ ଗାନ୍ଧିଛକ ହିଲଟପ ମଙ୍ଗଳା ମନ୍ଦିର ଏପରିକି ସହରର ପ୍ରତ୍ୟେକ ମନ୍ଦିର ସହର, ଗଳିକନ୍ଦି ଚାରିଆଡେ ଆଲୋକମୟ ହୋଇଯାଇଥିଲା।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ସହର

**ସୁନ୍ଦରଗଡ,୨୨।୧(ଜୟ ନାରାୟଣ ମେଣ୍ଟୁଳି)**

ଅଯୋଧାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଅବସରରେ ସୁନ୍ଦରଗଡ ସହରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ମନ୍ଦିର, ମଣ୍ଡପ ମନ୍ତ୍ରଧ୍ୱନି, ପୂଜାର୍ଚ୍ଚନା,ରାମଭଜନ, ହନୁମାନ ଚାଳିଶା ପାଠରେ ପ୍ରକମ୍ପିତ ହୋଇ ଉଠିଥିଲା। ବିଭିନ୍ନ ସ୍ଥାନରେ ଏଲଇଡି ମାଧ୍ୟମରେ ଅଯୋଧା କାର୍ଯ୍ୟକ୍ରମର ସିଧା ପ୍ରସାରଣ ସହ ପ୍ରସାଦ ସେବର ବ୍ୟବସ୍ଥା ହୋଇଥିଲା। ୪୦୦ ବର୍ଷର ପୁରାତନ ରାମଜୀ ମନ୍ଦିରଠାରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ସେହିପରି ପଞ୍ଚମୁଖୀ ହନୁମାନ ମନ୍ଦିର, ପୋଷ୍ଟଅଫିସ ଛକ ହନୁମାନ ମନ୍ଦିର, ରଙ୍ଗାଢିପା ଦୁର୍ଗାମଣ୍ଡପ, ମହାବୀର ସେବା ସମିତି ପକ୍ଷରୁ ରଙ୍ଗାଢିପା ହନୁମାନ ମନ୍ଦିର ଓ ରିଜେଣ୍ଟ ମାର୍କେଟ ହନୁମାନ ମନ୍ଦିର, ସୁନାରୀପଡା ଭାଗବତ ମନ୍ଦିର ଆଦିରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ସହରବାସୀ ଘର ସମ୍ମୁଖରେ ଦୀପ ଜାଳି ଫୋଟକା ଫୁଟାଇ ଉତ୍ସବ ପାଳନ କରିଥିଲେ। ଆତସବାଜି ଓ ଆଲୋକ ମାଳାରେ ଝଲସି ଉଠିଥିଲା ସହର। ସନ୍ଧ୍ୟାରେ ବଜରଙ୍ଗ ଦଳ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ରାମମୟ ପରିବେଶ ସୃଷ୍ଟି ହୋଇଥିଲା। କୁଆଁରମୁଣ୍ଡା ବ୍ଲକର ଦଳକି ଠାରୁ କଚାରୁ ଓ ଢୁମେରାପୋର, ଜମୁନାନାଲିରୁ ବୀରମିତ୍ରପୁର ସୀମାନ୍ତ ପର୍ଯ୍ୟନ୍ତ ସବୁ ମନ୍ଦିରରେ ନାମ ସଙ୍କୀର୍ତ୍ତନ ଓ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଛି। କଚାରୁ ପଞ୍ଚାୟତରେ ଅନୁଷ୍ଠିତ ଶୋଭାଯାତ୍ରାରେ ଠୁରକା ସିଂଙ୍କ ସଂଯୋଜନାରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସେହିପରି କୁଆଁରମୁଣ୍ଡା ଶୋଭାଯାତ୍ରାରେ ରାଜୁ ତିୱାରୀ, ଶଙ୍କର ପୂଝାରୀ, ଲାଲୁ ସିଂଦେଓ, ଘନଶ୍ୟାମ ଦେବତା, ବାଲକିଷନ ଅଗ୍ରୱାଲ, ସଞ୍ଜୟ ସାହୁ, ଦିଲ୍ଲୀପ ପଟେଲ ପ୍ରମୁଖଙ୍କ ସହ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ରହି ଅଞ୍ଚଳ ପରିକ୍ରମା କରିଥିଲେ। ସେହିପରି ରାଏବୋଗାରେ ଶ୍ୟାମ ସୁନ୍ଦର ସାହୁ ଓ ବୀରମିତ୍ରପୁରରେ ସୁନିଲ ତିୱାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରା ହୋଇଥିଲା।

**ହେମଗିର (ଚୈତନ୍ୟ ପଟେଲ)**

ହେମଗିରସ୍ଥିତ ମାଲିପଡାଠାରୁ କରମା ନୃତ୍ୟ, ଡିଜେ, ଘଣ୍ଟ ବାଦ୍ୟର ତାଳେତାଳେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଆର୍‌ଆର୍ କଲୋନି ମନୋହରପୁରଠାରେ ଥିବା ରାମ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚି ଥିଲା। ସେହିପରି ବିଲେଇମୁଣ୍ଡା, କନିକା ଆଦି ଅଞ୍ଚଳରେ ରାମଲାଲାଙ୍କ ପୂଜାର୍ଚ୍ଚନା କରାଯାଇଥିଲା।



ବିରମିତ୍ରପୁର ଜଗନ୍ନାଥ ବାଟିକାରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁର ଦେବ ମଣ୍ଡପଠାରେ ଶତାଧିକ ମହିଳା ପୁରୁଷ ଏକାଠି ହୋଇ ହନୁମାନ ଚାଳିଶା, ବିଷ୍ଣୁ ସହସ୍ର ନାମ ଓ ଉତ୍ତରା କାଣ୍ଡ ପାଠ କରିଥିଲେ। ବିଭୂତି ନାୟକ ଓ ତୁଷାର ରଞ୍ଜନ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲାବେଳେ ସିତାରାମ ଖୁଂଟିଡି ଓ ତାଙ୍କ ସ୍ତ୍ରୀ ସୁସ୍ମିତା କର୍ତ୍ତା ହୋଇଥିଲେ। ଅପରାହ୍ନରେ ଶୋଭାଯାତ୍ରାରେ ପ୍ରାୟ ୬ ଶହରୁ ଉର୍ଦ୍ଧ ଗ୍ରାମବାସୀ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ।

**ବାଲିଶଙ୍କରା (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ପ୍ରଭୁ ରାମଙ୍କ ପୂଜା କରାଯାଇଥିଲା। କରୁଆବାହାଲ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ହୋଇ କୁଇଲେରମୁଣ୍ଡା ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ମୁଖ୍ୟ ଅତିଥିଭାବେ ତଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ପୌରପାଳିକା ଚେୟାରମ୍ୟାନ ତନୟା ମିଶ୍ର, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ ଯୋଗଦେଇଥିଲେ।

**ଲହୁଣୀପଡ଼ା (ଦାଶରଥି ପଣ୍ଡା)**

ଲହୁଣୀପଡାର ବିଭିନ୍ନ ଗ୍ରାମରେ ଥିବା ମଠ, ମନ୍ଦିର ଗୁଡିକ ଶ୍ରୀ ରାମ ଧ୍ୱନି ଓ ଭଜନ କୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠିଥିଲା। ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରଠାରେ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ରାମ ଲକ୍ଷ୍ମଣ ସୀତା ବେଶରେ ଶିଶୁଙ୍କୁ ସୁସଜ୍ଜିତ କରି ଏକ ଶୋଭାଯାତ୍ରାରେ ଲହୁଣୀପଡ଼ାର ପ୍ରତ୍ୟେକ ମନ୍ଦିର ପରିକ୍ରମା କରାଯାଇଥିଲା। ସେହିଭଳି ରାଜାମୁଣ୍ଡା ସ୍ଥିତ ମା' କାଳୀ ଯୁବକ ସଂଘ ପକ୍ଷରୁ କାଳୀ ମଣ୍ଡପଠାରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ଦେଶାଉଳି କାହ୍ନୁସାହି ଚାମ୍ପିୟନ

**ଟେନ୍ସା,୨୨।୧(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଶିରା ପଞ୍ଚାୟତ ନାରାୟଣପୋଷ ପଡିଆଠାରେ ମୁଣ୍ଡା ଆସୋସିଏଟ୍ସ ପକ୍ଷରୁ ଚତୁର୍ଥ ନାରାୟଣପୋଷ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ ଓ ଅନ୍ୟ ଅତିଥିଭାବେ କାଶିରା ପଞ୍ଚାୟତ ସରପଞ୍ଚ ରାଣୀ ଲୋହାର, ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ସାମାଜିକ କର୍ମୀ ତଥା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଦିବାକର ନାଏକ, ସମିତି ସଭ୍ୟ ସିଲବ୍ରୁଶ ମୁଣ୍ଡା, ଜନ ଢୁଙ୍ଗଢୁଙ୍ଗ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଏହାର ଫାଇନାଲ ମ୍ୟାଚ ଡିଏମ ଗୁଆଲି ଓ ଦେଶାଉଳି କାହ୍ନୁସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଶାଉଳି କାହ୍ନୁସାହି ୨ ଗୋଲ୍ ସ୍କୋର କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟ ଅତିଥି ଭାବେ କାଶିରା ପଞ୍ଚାୟତ ସରପଞ୍ଚ ରାଣୀ ଲୋହାର, ଦିବାକର ନାଏକ, ସମାଜିକ କର୍ମୀ ବାଦଲ ବାରିକ, ତ୍ରିଲୋଚନ ସାହୁ, ଜନ ଢୁଙ୍ଗଢୁଙ୍ଗ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି, ଉପ ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ଦଳକୁ ୨୦ ହଜାର ଓ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ଟୁର୍ନାମେଣ୍ଟର ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର, ଗୋଲ କିପରକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ କାଶିରା ସରପଞ୍ଚ ରାଣୀ ଲୋହାରଙ୍କ ବରିଷ୍ଠ ନିର୍ଦ୍ଦେଶନା ସହ ସଂଯୋଜୋକ ଭାବେ ପ୍ରଭାତ ପାତ୍ର, ଗୋପାଲ ନାଏକ ସକ୍ରିୟ ସାହାଯ୍ୟ କରିଥିବା ବେଳେ ମୁଣ୍ଡା ଆସୋସିଏଟ୍ସ ପକ୍ଷରୁ ସଭାପତି ସୁନିଲ ପୁର୍ତ୍ତୀ, ମାଧ ମୁଣ୍ଡା, ଜୁଲିଆସ ମୁଣ୍ଡା ,କରମ ସିଂ ମୁଣ୍ଡା ଓ ଅନ୍ୟ ସଦସ୍ୟମାନେ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟର ଧାରା ବିବରଣୀ ଖିରୋଦ କୁମାର ଗିରି ଓ ବୁଲବୁଲ ଆପଟ ପରିବେଷଣ କରିଥିଲେ।




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।



ଟେନସା ଜଗନ୍ନାଥ ମନ୍ଦିର ପରିସରରେ ୧୦୦୮ ଦୀପ ପ୍ରଜ୍ୱଳନ କରାଯାଉଛି।

## ଟେନ୍‌ସାରେ ହଜାର ଆଠ ଦୀପ ପ୍ରଜ୍ୱଳନ

**ଟେନ୍ସା,୨୨।୧(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଜଗନ୍ନାଥ ମନ୍ଦିର ପରିସରରେ ୧୦୦୮ ଦୀପ ପ୍ରଜ୍ୱଳନ କରାଯିବା ସହ ନଗର ପରିକ୍ରମା କରାଯାଇଛି। ରାମ ପ୍ରକାଶ ଜଇସ୍‌ୱାଲ,ଜୟଶଙ୍କର ପୂଜାରୀଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ପରିସରରେ ଦିନ ତମାମ ରାମାୟଣର ଅଯୋଧ୍ୟା କାଣ୍ଡ ପ୍ରବଚନ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଅପରାହ୍ନ ୩ଟାରେ କୁନିକୁନି ପିଲାଙ୍କୁ ରାମ, ସୀତା, ଲକ୍ଷ୍ମଣ, ହନୁମାନ, ବାରସେନା ଭାବେ ସୁସଜିତ କରାଯାଇ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ହଜାର ହଜାର ଭକ୍ତ ଟେନ୍‌ସା ସହର ପରିକ୍ରମା କରିଥିଲେ। ସଂନ୍ଧ୍ୟାରେ ମନ୍ଦିର ପରିସରରେ ୧୦୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଶାନ୍ତ ମଲ୍ଲିକ, ପି ଏଲ ପରିଡା, ବାମଦେବ ଭୁଇଁଆ, ନଣ୍ଡା ରାଉତ ପ୍ରମୁଖ ଉପସ୍ଥିତ ରହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ

**ବଣାଇଁ, ୨୨।୧ (ପ୍ରଦୀପ ତ୍ରିପାଠୀ)**

ବଣାଇଁ ରେଞ୍ଜ ଅନ୍ତର୍ଗତ ଧରଣୀଧର ସେକ୍ସନରେ ଦୀର୍ଘଦିନ ଧରି ହାତୀ ଉପଦ୍ରବ ବୃଦ୍ଧି ପାଉଛି। ହାତୀ ବହୁ ଘର ଭାଙ୍ଗିବା ସହ ବ୍ୟାପକ ଧାନ, ଚାଉଳ ଖାଇ ନଷ୍ଟ କରିବା ଏକ ନିତି ଦିନିଆ ଘଟଣା ସାଜିଛି। ବଣାଇଁ ରେଞ୍ଜର ତଳିତା, ସାନ ଗୋଗୁଆ, ଭାଙ୍ଗଡିହି, ବାଞ୍ଚିକୁସୁମ, ଜର୍କେଇକଳା, କେଲୋ, ଧରଣୀଧରପାଲି ଆଦି ଗ୍ରାମରେ ୨ଟି ଗୋଠଛଡା ହାତୀ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଗତ କିଛିଦିନ ତଳେ ଏହି ୨ହାତୀ ଜର୍କେଇକଳା ଗ୍ରାମରେ ଘର ଭାଙ୍ଗିବା କାରଣକୁ ନେଇ ଗ୍ରାମବାସୀ ୨ଦିନ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନବିଭାଗ ସାଧାରଣ ଲୋକଙ୍କ ସହାୟତାରେ ହାତୀ ଘଉଡାଇବା ନିଷ୍ପତ୍ତି କ୍ରମେ ହାତୀ ୨ଟିକୁ ଘଉଡାଇ ଦେଇଥିଲେ। ୩ସପ୍ତାହ ନ ପୁରୁଣୁ ସୋମବାର ପୁଣି ଏହି ହାତୀ ୨ଟି ବଡପୋଷ ଗ୍ରାମର ସୁଦର୍ଶନ କିଷାନଙ୍କ ଘର ଭାଙ୍ଗି ଦେଇଥିବାବେଳେ ଉମା କିଷାନଙ୍କ ଆଳୁ ବଗିଚାକୁ ମାଡିଦଳି ନଷ୍ଟ କରିଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ଘଉଡାଇବା ପାଇଁ ବ୍ୟାପକ ଅର୍ଥ ବ୍ୟବସ୍ଥା ରାଜ୍ୟ ସରକାର ଯୋଗାଇ ଦେଇଥିଲେ ହେଁ କାହିଁକି ଏଥିରେ ବ୍ୟତିକ୍ରମ ଦେଖାଯାଉଛି ତାହାର ସମୀକ୍ଷା କରିବା ଆବଶ୍ୟକ ହୋଇପଡିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ସଭା ସମିତି କରି ହାତୀ ଉପଦ୍ରବ ସମ୍ପର୍କରେ ସମୀକ୍ଷା, ସ୍ୱତନ୍ତ୍ର ସ୍କାର୍ଡ ଗଠନ, ସବୁ ବ୍ୟବସ୍ଥା ଆଜି ଫେଲ ମାରିବା କାରଣରୁ ଆଗାମୀ ଦିନରେ ଅଞ୍ଚଳବାସୀ ଯେ କୌଣସି ଅଘଟଣ ଘଟାଇ ପାରନ୍ତି ବୋଲି ବୁଦ୍ଧିଜୀବି ମହଲରେ ଆଶଙ୍କା ପ୍ରକାଶ ପାଇଛି।

**ପୁଣି ଫେରିଲେ ୨ ଗୋଠଛଡ଼ା ଦନ୍ତା**



ହାତୀ ଭାଙ୍ଗି ଥିବା ଘର।

## ନର୍ସିଂ କଲେଜ ଡାକ୍ତରଖାନା ଉଦ୍‌ଘାଟିତ

**ବଡ଼ଗାଁ,୨୨।୧( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ନର୍ସିଂ କଲେଜରେ ନବ ନିର୍ମିତ ଡାକ୍ତରଖାନା ସୋମବାର ଉଦ୍‌ଘାଟିତ ହୋଇଛି। ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଡାକ୍ତରଖାନା ଅଞ୍ଚଳବାସୀ ତଥା ଆଖପାଖ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରମୁଖ ଭୂମିକା ନେବ ବୋଲି କହିବା ସହିତ ଅନୁଷ୍ଠିତ ରକ୍ତଦାନ ଶିବିର ଆୟୋଜନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ସ୍କାଉଟ ଗାଇଡ ରାଜ୍ୟ କମିଶନର କାଳୀ ପ୍ରସାଦ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମ ଚନ୍ଦ୍ର ନାୟକ, ବିଜେଡି ଯୁବ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ୟୁବିଆଇ ଆଞ୍ଚଳିକ ପରିଚାଳକ ଧର୍ମେନ୍ଦ୍ର ରାଜୋଡିଆ, ପିସିସି ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ସନ୍ତୋଷ ଅମାଦ, ଅବଦୁଲ ସୟଦ, ଡା. ବସନ୍ତ କୁମାର ସାହୁ, ପ୍ରମୋଦ ମହାପାତ୍ର, ଚନ୍ଦ୍ରମଣି ସାହୁ , ସରକାରୀ ଓକିଲ ରେଜେନ୍ଦ୍ର ଲେଙ୍କା, ବିକ୍ରମ ଟପ୍ପୋ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହିତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନର୍ସିଂ କଲେଜ ଅଧ୍ୟକ୍ଷ ଡା. ଅରୁଣ କୁମାର ନାୟକ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବ ଅବସରରେ ନାମଯଜ୍ଞ ହୋଇଥିଲାବେଳେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।



ମନ୍ତ୍ରୀ ସାରଦା ନାୟକ ଫିତା କାଟି ଡାକ୍ତରଖାନାକୁ ଉଦ୍‌ଘାଟନ କରୁଛନ୍ତି।

## ୨୬୨ ଉଦ୍ୟାନ କୃଷି ପ୍ରବେଶିକା ବର୍ଗ ପୁରସ୍କୃତ

**ରାଉରକେଲା,୨୨।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଜୁବିଲି ପାର୍କରେ ଆର୍‌ଏସ୍‌ପିର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଲିଥିବା ୫୬ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ବିଭିନ୍ନ ବର୍ଗରେ ଫୁଲ, ପତ୍ର, ଫଳ, ପନିପରିବା, ଫୁଲ ବ୍ୟବସ୍ଥା ଓ ବଗିଚା ଲେଆଉଟ ଆଦି ପ୍ରଦର୍ଶିତ ହୋଇଥିଲା। ମେଳାରେ ମୋଟ ୨୬୨ ପ୍ରବେଶିକା ବର୍ଗକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ମୁଖ୍ୟଅତିଥି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଏ. କେ. ବେହୁରିଆ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ନମ୍ରତା ବର୍ମା ଓ ସହର ପ୍ରଶାସନ ଏବଂ ସିଏସ୍‌ଆର ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପି. କେ. ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାୟ ସବୁ ବର୍ଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬ର ନୀଳମଣି ପରିଡାଙ୍କୁ ମୁଖ୍ୟଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଦ୍ୱିତୀୟ ସର୍ବାଧିକ ପଏଣ୍ଟ ହାସଲ କରି ସେକ୍ଟର-୭ର ସୁଚିତ୍ରା ମହାନ୍ତି ଉପବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। କଟ ଫ୍ଲାୱାର, ପଟ୍ ପ୍ଲାଣ୍ଟ ଆଦି ସମସ୍ତ ବିଭାଗରେ ନୀଳମଣି ସର୍ବୋଚ୍ଚ ଏଗ୍ରିଗେଟ ପୁରସ୍କାର ଲାଭ କରିଥିଲେ।




ଉଦ୍‌ଯାପନୀ ଦିବସରେ ଶ୍ରେଷ୍ଠ ପ୍ରବେଶିକାଙ୍କୁ ପୁରସ୍କୃତ କରାଯାଉଛି ।

**୫୬ତମ ଉଦ୍ୟାନ କୃଷି ମେଳା ଉଦ୍‌ଯାପିତ**

ଶ୍ରେଷ୍ଠ ଚନ୍ଦ୍ର ମଲ୍ଲିକା ପ୍ରଦର୍ଶନୀରେ ଏସ୍. ସ୍ୱାଇଁ ଟ୍ରଫି ପାଇଥିଲେ। ଶ୍ରେଷ୍ଠ ସ୍ପେଶିମେନ ବ୍ଲୁମ୍ ଟି ରୋଜ୍ ପାଇଁ ପ୍ରଣବାନନ୍ଦ କିଙ୍ଗ ଅଫ ଦି ଶୋ ଓ ନୀଳମଣି ପରିଡା କ୍ୱିନ ଅଫ୍ ଦି ଶୋ ଟ୍ରଫି ଲାଭ କରିଥିଲେ। ଏହି ମେଳାରେ ମୋଟ ୭୭୫ଟି ବର୍ଗରେ ପ୍ରବେଶିକା ସ୍ଥାନ ପାଇଥିଲା। ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହରସେବା ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଦ୍ୟାନକୃଷି ବିଭାଗର ଡିଜିଏମ୍ ଏବଂ ଜେଡଡିପି ଇନ୍‌ଚାର୍ଜ ଡକ୍ଟର ଏ. ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଜବତ

ଝାରବନ୍ଧ,୨୨।୧(ଦେବେନ୍ଦ୍ର ସାହୁ): ଝାରବନ୍ଧ ଥାନା ଅଧୀନ ଭୈଷାଦର୍ହା ଓ ଛତିଶଗଡ ବସନା ଥାନା କୁଦାରୀବହାର ମଝିରେ ଥିବା ଚିରାଲ ନଦୀରେ ପଡିଥିବା ଏକ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୩୫ବର୍ଷ ହେବ। ମୃତ୍ୟୁର କାରଣ ଜଣାପଡି ନ ଥିବାରୁ ସମ୍ବଲପୁରରୁ ବିଶେଷଜ୍ଞ ଦଳ ଆସି ନମୂନା ସଂଗ୍ରହ କରିଛନ୍ତି। ଝାରବନ୍ଧ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟିଟିଲାଗଡ଼, ୨୨।୧(ଶରତ ମିଶ୍ର): ଟିଟିଲାଗଡ଼ ଡିଏଭି କଲେଜ ସାମ୍ନାରେ ସୋମବାର ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଟିଟିଲାଗଡ଼ ବ୍ଲକ କେନ୍ଦୁମୁଣ୍ଡି ଗ୍ରାମର କାଶୀ ଚନ୍ଦନ(୪୫)। ସନ୍ଧ୍ୟା ପ୍ରାୟ ୭ଟାରେ ସତୀଘାଟରୁ କାମ ସାରି କାଶୀ ଫେରୁଥିବା ବେଳେ ରାସ୍ତା ଉପରେ ଛିଡା ହୋଇଥିବା ହାଇୱାରେ ତାଙ୍କ ସ୍କୁଟି ପିଟି ହୋଇଯାଇଥିଲା। ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ଅଣାଯାଇଥିଲା। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାଫିକ୍ ସମସ୍ୟା ଲାଗି ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରିଯାନ ଚଳାଚଳକୁ ବାରଣ କରାଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ଦାବି କରିଛନ୍ତି।

### ଶିକ୍ଷା ହିଁ ଜୀବନର ଉନ୍ନତିର ମାର୍ଗ

ରିଆମାଳ, ୨୨।୧(ନିରଞ୍ଜନ ବେହେରା) ରିଆମାଳ ବ୍ଲକ ବୁଢାପାଳ ସରସ୍ୱତୀ ଶିଶୁମନ୍ଦିରର ନୂତନ ଗୃହ ପ୍ରବେଶ ସହିତ ଷୋଡଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳେ ପୁରୋହିତଙ୍କ ଦ୍ୱାରା ଗୃହ ପୂଜନ ପରେ ଗୃହ ପ୍ରବେଶ କରାଯାଇଥିଲା। ଏହାପରେ କମିଟି ସଭାପତି ଟଙ୍କଧର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାଷଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟାପିକା ପ୍ରଭାତୀ ସାହୁ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ସରପଞ୍ଚ ଦିଲ୍ଲୀପ ଆଚାର୍ଯ୍ୟ, ସମିତିସଭ୍ୟ ଲିଙ୍ଗରାଜ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷାହିଁ ଜୀବନର ଉନ୍ନତିର ମାର୍ଗ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ତଥା କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭୀମବୁଢ଼ା ଫୁଟବଲ: ଖଲିଆଖମାରକୁ ଟାଇଟଲ

ମୁରିବାହାଲ, ୨୨।୧(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ଖେଳ ପଡିଆରେ ଚାଲିଥିବା ଜୟ ଭୀମବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଳଦୀକୁ ଟାଇବ୍ରେକର ୪-୩ଗୋଲରେ ହରାଇ ଖଲିଆଖମାର ଚାମ୍ପିୟନ ହୋଇଛି। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ଦୁଲୁକିଲା ମଞ୍ଚ, ଝୁମିଲେ ଦର୍ଶକ







### ଉତ୍ସବ ପ୍ରଧାନପାଟ-୨୦୨୪ ଉଦ୍‌ଯାପିତ

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)

ଓଡିଶାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଦେବଗଡ ଜିଲାର ଗର୍ବ ଓ ଗୌରବ ପ୍ରଧାନପାଟ ଜଳପ୍ରପାତ ପାଦ ଦେଶରେ ଥିବା ବଡବଗିଚା ଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ସାଂସ୍କୃତିକ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୪' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ପରିଚାଳନା ଓ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଆୟୋଜିତ ପଞ୍ଚମ ତଥା ଉଦ୍‌ଯାପନୀ ସଂଧ୍ୟାର କାର୍ଯ୍ୟକ୍ରମକୁ ମୁଖ୍ୟଅତିଥିଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିବାସହ ଜିଲାବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।ବରେଣ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାପାଳ ଉପାଧ୍ୟାୟ ମଞ୍ଚାସୀନ ଅତିଥିଙ୍କୁ ଉପଢୌକନ ଓ ମୋମେଂଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ରାଜ୍ୟର ବିଭିନ୍ନ ଲୋକନୃତ୍ୟ ଓ ସଙ୍ଗୀତ ଦଳର କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଲୋକପ୍ରିୟ ସମ୍ବଲପୁରୀ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ସଂଗୀତ ତାଙ୍କ ଦଳର ନୃତ୍ୟର ତାଳେ ତାଳେ ଦର୍ଶକମାନେ ବିଭୋର ହୋଇ ନାଚି ଉଠୁଥିବା ଦେଖିବାକୁ ମିଳିଥିଲା। ଓର୍ମାସ୍ ପକ୍ଷରୁ ଆୟୋଜିତ ଆକର୍ଷଣୀୟ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା ଓ କୃଷି ମେଳା ସାଙ୍ଗକୁ ଜିଲା ସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଓ ମୀନାବଜାର ଦର୍ଶକ ଏବଂ ଜଣସାଧାରଣଙ୍କ ନିମନ୍ତେ ବେଶ ଉପାଦେୟ ଏବଂ ଉପଭୋଗ୍ୟ ହୋଇଥିବା ବେଳେ ଏହା ମଧ୍ୟ ଉଦ୍‌ଯାପିତ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ସବୁଠି ଜୟ ଶ୍ରୀରାମ ଧ୍ୱନି

### ପୂଜାର୍ଚ୍ଚନା , ଶୋଭାଯାତ୍ରା, ପ୍ରଦୀପ ପ୍ରଜ୍ୱଳନ ମଧ୍ୟରେ ଉତ୍ସବ ପାଳିତ

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର )



ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରିପ୍ରେକ୍ଷୀରେ ଦେବଗଡ ଜିଲାର ଗାଁ ରୁ ସହର ସବୁଆଡେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପୂର୍ବାହ୍ନରେ ଦେବଗଡ ବଜରଙ୍ଗ ମଣ୍ଡପ ଆନୁକୂଲ୍ୟରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଡିଜେ ସାଉଣ୍ଡ ଓ ବିଭିନ୍ନ ବାଦ୍ୟ ଯନ୍ତ୍ରର ତାଳେ ତାଳେ ଜୟ ଶ୍ରୀରାମ ସ୍ଲୋଗାନ ସହିତ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ବଜରଙ୍ଗ ମଣ୍ଡପର କର୍ମକର୍ତ୍ତା ଉଦୀପ୍ତ ନାୟକ, ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ଯୁବ ନେତା ଧର୍ମେନ୍ଦ୍ର କୁମାର ଦେବତା,ଜନ୍ମେଜୟ ନାୟକ, ଭୋଳାନାଥ ଦାସ,ପ୍ରଶାନ୍ତ ଭୁକ୍ତା, ବ୍ରହ୍ମଚାରୀ ସଞ୍ଜିତ ନାୟକ , ରାଜେଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରାରେ କୁନି କୁନି ପିଲାଙ୍କୁ ରାମ, ଲକ୍ଷ୍ମଣ, ସୀତା ଓ ବୀର ହନୁମାନଙ୍କ ବେଶରେ ସୁସଜ୍ଜିତ କରି ନଗର ପରିକ୍ରମା କରାଯାଇଥିଲା। ପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ଏଲଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଥିଲା। ସଂଧ୍ୟାରେ କ୍ଷୀରି ଭୋଗର ବ୍ୟବସ୍ଥା କରାଯାଇଥିଲା। ଅନୁରୂପ ଭାବେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ଆବାହକତ୍ୱରେ ପୌରାଞ୍ଚଳ ୯ ନଂ ୱାର୍ଡ ନୀଳବେର୍ଣ୍ଣୀ ସାହି ବାସୀନ୍ଦାଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ୯ ନଂ ୱାର୍ଡର କାଉନସିଲର ସରୋଜିଣୀ ମୁଣ୍ଡା, ୮ ନଂ ୱାର୍ଡର କାଉନସିଲର ମଧୁସୂଦନ ବାଘ, ୧୧ ନଂ ୱାର୍ଡର କାଉନସିଲର କାର୍ତ୍ତିକ ମହାକୁଳ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁଟିଆ ଓ ଭାଜପା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସୁଧୀର କୁମାର ବ୍ରହ୍ମାଙ୍କ ସମେତ ବାସୀନ୍ଦା ଓ ଭାଜପା କର୍ମୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। ବାରକୋଟ ବ୍ଲକ କଣ୍ଢେଲ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ଏହି ଉତ୍ସବକୁ ଉତ୍ସାହର ସହ ପାଳନ କରାଯାଇଥିଲା। ସେହିପରି ମଠ ସାହି କାଳିଆ ମାଝିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଜିଲା ସଦର ମହକୁମା ସମେତ ପ୍ରତ୍ୟେକ ଗ୍ରାମରେ ମନ୍ଦିର ଓ ମଣ୍ଡପ ଗୁଡିକରେ ଏହି ଉତ୍ସବ ପାଳିତ ହେବାସହ ଶ୍ରଦ୍ଧାଳୁମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୀପାବଳୀ ପାଳନ କରିଥିଲେ।

### ଉତ୍ସବ ମୁଖର ରିଆମାଳ

ରିଆମାଳ,୨୨।୧(ନିରଞ୍ଜନ ବେହେରା)

ରିଆମାଳ ଉତ୍ସବ ମୁଖର ହୋଇଥିବା ଦେଖିବାକୁ ମିଳିଥିଲା। ବ୍ଲକର ପ୍ରତ୍ୟେକ ଗ୍ରାମରେ ପୂଜାର୍ଚ୍ଚନା ସହିତ ନାମସଂକୀର୍ତ୍ତନ ଓ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ଦ୍ୱାରା ଏହା ଧୁମଧାମରେ ପାଳିତ ହୋଇଥିଲା। ପ୍ରଥମେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଏଲଇଡିରେ ସିଧା ପ୍ରସାରଣ ଏବଂ ଛେଣ୍ଡିପଦା ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ରାମନାମ ଭଜନରେ ବେଶ ଆଲୌକିକ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଖୋଲାଯାଇଥିବା ଆନନ୍ଦ ବଜାରରେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ଜଗନ୍ନାଥ ମନ୍ଦିର ନିର୍ମାଣ କମିଟି ତଥା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅୟୋଜିତ ହୋଇଥିବା ବେଳେ ରିଙ୍କୁ ନାୟକ, ଜଗା ରାଉତ, ନାରାୟଣ ବିଶ୍ୱାଳ, ସଦାନନ୍ଦ ସାହୁ, ଶମ୍ଭୁଲାଲ ଅଗ୍ରୱାଲ, ଘନଶ୍ୟାମ ସାହୁ, ଆଲଫା ଦାଶ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସଂସ୍କୃତି ଭବନଠାରେ ଉତ୍ସବ ପ୍ରଧାନପାଟ-୨୦୨୪ର ରାଜ୍ୟସ୍ତରୀୟ କବି ସମ୍ମିଳନୀର କବିତା ଆସର ହୋଇଯାଇଛି। ଏଥିରେ ସମସ୍ତ ଅତିଥିବୃନ୍ଦ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ପଧାନପାଟେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅରୁନ୍ଧତୀ ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରଙ୍ଗବତୀ ଗୀତର ଲେଖକ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଯୋଗଦେଇଥିଲେ। ପ୍ରଶାସନ ତରଫରୁ ଏଡିଏମ୍ ରେବିକା ବିଲୁଙ୍ଗ ଓ ଆସିଷ୍ଟାଣ୍ଟ କଲେକ୍ଟର ମମତାଜ ମହାରଣା ଯୋଗଦେଇ ଓଡ଼ିଆ ସାହିତ୍ୟର ପୁରାତନ ଇତିହାସକୁ ରୋମନ୍ଥନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ଦେବଗଡ଼ , ବିଜୟ କୁମାର ମହାରଣା, ଅଧ୍ୟକ୍ଷ,ଆଦର୍ଶ ମହାବିଦ୍ୟାଳୟ,ଦେବଗଡ଼, ମୁରଲିଧର ନାଏକ, ଅବସରପ୍ରାପ୍ତ ତହସିଲଦାର, ଦେବଗଡ଼ ଓ ନିରଞ୍ଜନ ଦ୍ୱିବେଦୀ, ଦେବଗଡ଼ ସୁନିଲ କୁମାର ସାହୁ, କଳାଶିକ୍ଷକ, ଢୋଲପଡ଼ାଙ୍କ କବିତା ସଂକଳନ "ଭକ୍ତିର ଅର୍ଘ୍ୟ" ମୁଖ୍ୟ ଅତିଥି ତଥା ସମସ୍ତ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। କବିତା ସଂଯୋଜନା କରିଥିଲେ ପଦ୍ମିନୀ ଦାଶମହାପାତ୍ର ଓ ସୁମିତ୍ରା ପୁରୋହିତ। କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ ଚିତ୍ତରଞ୍ଜନ ଦାଶ, ବରିଷ୍ଠ ଅଧାପକ ଓ ଅଞ୍ଜନା ନାଏକ, ବରିଷ୍ଠା କିରାଣୀ, ଦେବଗଡ଼ ଜିଲା ପ୍ରଶାସନ, ଦେବଗଡ଼ ଜଲା ତଥା ଜିଲା ବାହାରୁ ଶତାଧିକ କବି କବିୟିତ୍ରୀ ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍ଥିକ ସଚେତନତା ସମ୍ପର୍କିତ ସଚେତନତା ୱାକାଥନ

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)




ଜିଲା ସଦର ମହକୁମାରୁ ବାହାରି ଥିବା ସଚେତନତା ୱାକାଥନ।

ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭୁବନେଶ୍ୱର ଭାରତୀୟ ରିଜର୍ଭ ବ୍ୟାଙ୍କର ଆନୁକୂଲ୍ୟରେ ଦେବଗଡ ଜିଲା ସଦର ମହକୁମାରେ ରବିବାର ଏକ ୱାକାଥନ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ ସ୍ଥାନୀୟ ପୌର ପରିଷଦ ଟାଉନ ହଲରୁ ବାହାରିଥିବା ବେଳେ ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର,ବୁଦ୍ଧିଜୀବୀ, କୃଷକ, ଉଦ୍ୟୋଗୀ, ବରିଷ୍ଠ ନାଗରିକ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଆର୍ଥିକ ସଚେତନତା ସମ୍ପର୍କୀତ ବିଭିନ୍ନ ସଚେତନତା ମୂଳକ ବ୍ୟାନର ସହିତ ଅଂଶଗ୍ରହଣ କରିଥିଲେ। ଏହି ୱାକାଥନ ପୁଣିଥରେ ଟାଉନ ହଲକୁ ଫେରିବା ପରେ ସେଠାରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଂ, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଭାରତୀୟ ରିଜର୍ଭ ବ୍ୟାଙ୍କର ଏକୀକୃତ ଲୋକପାଳ ଯୋଜନା ଓ ଚିରା ଫଟା ନୋଟର ବିନିମୟ ପ୍ରକ୍ରୀୟା ଉପରେ ସବିଶେଷ ସୂଚନା ଦେବାସହ ସାଇବର ଠକେଇରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ଉପାୟ ବତାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହା ପ୍ରବନ୍ଧକ ଉମାକାନ୍ତ ସାହୁ, ଦେବଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ସ୍ଥାନୀୟ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ରୀୟ ପ୍ରବନ୍ଧକ ଧର୍ମେନ୍ଦ୍ର ରାଜୋରିଆ, ଲିଡ୍ ବ୍ୟାଙ୍କର ଜିଲା ପ୍ରବନ୍ଧକ ରବୀନ୍ଦ୍ର କୁମାର ମହାନ୍ତି, ଆର୍ଥିକ ସାକ୍ଷରତା ଉପଦେଷ୍ଟା ଯଦୁମଣି ପ୍ରଧାନ, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ଧୀରେନ୍ଦ୍ର କୁମାର ଦାଶ, ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ବିନୋଦ କୁମାର ଦାସ, ସନ୍ତୋଷ କୁମାର ମିଶ୍ର ଓ ଲୋକନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟବଲ: ଧୁମାଭଟା ଚାମ୍ପିୟନ

ପାଇକମାଲ,୨୨।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ପଲସଦାରେ ୨୪ତମ ମା' ବ୍ରାହ୍ମଣୀ ପଠାରି ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କୁଦୋଗୁଡାକୁ ହରାଇ ଧୁମାଭଟା ଚାମ୍ପିୟନ ହୋଇଛି। ମହେନ୍ଦ୍ର ସିଂହ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳ ଆରମ୍ଭ କରିଥିଲେ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ଧୁମାଭଟା ଦଳ ୩-୦ ଗୋଲ ବ୍ୟବଧାନରେ ପଲସଦାକୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ମ୍ୟାଚ୍ ଧୁମାଭଟା ଓ କୁଦୋଗୁଡା ମଧ୍ୟରେ ହୋଇଥିଲା। ମ୍ୟାଚ୍ ଅମିମାଂସିତ ରହିବାରୁ ଧୁମାଭଟା ଦଳ ଟାଇପ ରେକଡରେ କୁଦୋଗୁଡା ଦଳକୁ ୪-୩ ଗୋଲ୍‌ରେ ହରାଇ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ସିଂହ ବରିହା ଓ ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର କୁମାର ସାହୁ, ପୀତାମ୍ବର ସାହୁ ଓ ଜୟସିଂହ ବରିହା ଯୋଗ ଦେଇଥିଲେ। ବିଜୟୀ ଧୁମାଭଟା ଦଳକୁ ୧୦ ହଜାର ଟଙ୍କା ଓ ଉପ ବିଜେତା କୋଦଗୁଡା ଦଳକୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଧୁମାଭଟା ଦଳର ନରେଶ ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଖେଳ ଶିକ୍ଷକ ମଣ୍ଟୁ ବାଗ, ସନ୍ତୋଷ ପଟେଲ, ନରେଶ ବାରିକ, ସୁବାଷ ଚନ୍ଦ୍ର ପଟେଲ, ଶଙ୍କର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସମାରୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

### କଂଗ୍ରେସର ପୋଷ୍ଟର ଚିରିବା,ନେତାଙ୍କୁ ଆକ୍ରମଣ ଘଟଣା

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ସମୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ଦ୍ଦେଶରେ ଭାଜପାର ଗୁଣ୍ଡାମାନେ କଂଗ୍ରେସ ନେତାଙ୍କୁ ଆକ୍ରମଣ କରିଥିବା ଓ ଦଳୀୟ ପୋଷ୍ଟର ଓ ବ୍ୟାନର ଚିରି ଦେଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ଦୃଢ ପ୍ରତିବାଦ କରାଯାଇଛି। ଏହାର ପ୍ରତିବାଦରେ ଦେବଗଡ ଜିଲାପାଳଙ୍କ କର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୋମବାର ସଂଧ୍ୟାରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ଦେବଗଡ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଶ୍ରୀତମ ସାହୁ, ସୁମନ୍ତ ବେହେରା, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ନାଥ କୃଷ୍ଣ ଜାଲ ଓ କ୍ଷୀରୋଦ ଚନ୍ଦ୍ର ଦୀପଙ୍କ ସମେତ ବହୁ କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବାସହ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

# ପାଇକମାଳକୁ ହରାଇ କଂସାପଲା ଚାମ୍ପିୟନ

### ନୃସିଂହନାଥ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପାଇକମାଲ, ୨୨।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡିଆରେ ନବମ ବର୍ଷ ନୃସିଂହନାଥ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପାଇକମାଳକୁ ହରାଇ କଂସାପଲା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ସରୋଜ ସାମଲ, ସୁଶାନ୍ତ ନାଗ, ରୋଶନ ପାଣିଗ୍ରାହୀ, କୈଳାସ ଦିଶ୍ରି, ବିକି ସିଂ, ସୁରଥ କୁମାର ସାହୁ ଯୋଗ ଦେଇଥିଲେ। ୫ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପାଇକମାଳ ଓ ବଲାଙ୍ଗୀରର କନ୍ସାପଲା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କନ୍ସାପଲା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆଲୋକ ମିଶ୍ର, ଅଟଳ ସରାଫ ଓ ରବିନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବା ବେଳେ ରାମୁ ସ୍ୱାଇଁ ଓ ଅମନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବାବୁଲୁ ସାହୁ, ପପୁ ବେହେରା, ମାନସ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପାଇକମାଳ ଦଳର ଦିଲୀପ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ରନର୍ସ ଦଳ ପାଇକମାଳକୁ ଟ୍ରଫି ସହ ନଗଦ ୮ହଜାର ଓ ବିଜୟୀ ଦଳ କଂସାପଲାକୁ ଟ୍ରଫି ସହ ୧୫ହଜାର ପ୍ରଦାନ କରାଯାଇଥିଲା। ଶିଶିର ସାହୁ, ଦୀପକ ମିଶ୍ର, ଆଦିତ୍ୟ ସାହୁ, ଜଗନ ସ୍ୱାଇଁ, ରବିନ ପ୍ରଧାନ, ଚନ୍ଦନ ପ୍ରଧାନ, ବିମଳ ସାହୁ, ତୋଫାନ ବାଗ ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ଉପସ୍ଥିତ ଖେଳାଳି।

